## ସଂକ୍ଷେପରେ

### ପ୍ରେମକୁ ନେଇ ଗଣ୍ଡଗୋଳ: ଯୁବକଙ୍କ ମୃତ୍ୟୁ, ଜଣେ କୋର୍ଟ ଚାଲାଣ

ଧର୍ମଶାଳା ୧୩।୪ (ବଟକୃଷ୍ଣ ପରିଡା) : ଧର୍ମଶାଳା ଥାନା ଦେଓଦା ପଞ୍ଚାୟତ ଦଳିତ ସାହିରେ ପ୍ରେମ ବ୍ୟାପାରକୁ ନେଇ ୨ ଯୁବକଙ୍କ ମଧ୍ୟରେ ହୋଇଥିବା ମାରପିଟ ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିବା ଘଟଣାରେ ସୋମବାର ଅଭିଯୁକ୍ତ ଗିରଫ ହୋଇଛନ୍ତି। ମୃତ ଯୁବକଙ୍କ ନାମ ପ୍ରଶାନ୍ତ ନାୟକ (୨୩) ବୋଲି ଜଣାପଡ଼ିଛି। କଟକଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ୧୦ତାରିଖରେ ମୃତ୍ୟୁ ହୋଇଥିଲା। ପୂର୍ବରୁ ଏ ନେଇ ଥାନାରେ ମାମଲା ହୋଇଥିଲା। ଜଣେ ଯୁବତୀଙ୍କୁ ଏହି ଦୁଇ ଯୁବକ ପ୍ରେମ କରୁଥିଲେ। ଯାହାକୁ ନେଇ ୨ ଜଣଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ଘଟିଥିଲା। ଅଭିଯୋଗକ୍ରମେ ପୋଲିସ ନଂ. ୧୧୯/୨୬ରେ ମାମଲା ରୁଜୁ କରି ଅଟକ ରଖିଥିବା ଗୋଲଖ ମଳିକ (୪୮)ଙ୍କୁ ସୋମବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

### ଭାରସାମ୍ୟ ହରାଇ ବାଇକ୍ ଆରୋହୀ ଗୁରୁତର

ପାଣିକୋଇଲି, ୧୩।୪ (ବିକାଶ ଚନ୍ଦ୍ର ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର ଦୁର୍ଗା ମାର୍କେଟ ନିକଟରେ ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ଚାଳକ ଗୁରୁତର ଆହତ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ପଥରପଦା ପଞ୍ଚାୟତ ଅନ୍ତର୍ଗତ ଦାମୋଦରପୁର ଗ୍ରାମର ଗଦା ମଳିକଙ୍କ ପୁଅ ଅମିୟ ଏକ ବାଇକ୍ (ନଂ. ଓଡି ୦୪ ଏସ ୭୧୬୬)ରେ ବଜାରକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରରେ ପିଟିହୋଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହେବାରୁ ଗୁରୁତର ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ଅମୀୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

### ଛଣଗଦାରେ ନିଆଁ ଲଗାଇବା ସହ ମହିଳାଙ୍କୁ ଏସିଡ୍ ପକାଇବାକୁ ଧମକ

ପାଣିକୋଇଲି, ୧୩।୪ (ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ପଳସା ଗ୍ରାମରେ ଜଣେ ଯୁବକ ଛଣ ଗଦାରେ ନିଆଁ ଲଗାଇବା ସହ ମହିଳାଙ୍କ ମୁହଁରେ ଏସିଡ୍ ପକାଇ ପୋଡି ଦେବାକୁ ଧମକ ଦେବା ପରେ ସେ ସୋମବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି। ପଳସା ଗ୍ରାମର କାହ୍ନୁ ଚରଣ ସାହୁଙ୍କ ସ୍ତ୍ରୀ ନିରୁପମାଙ୍କ ଅଭିଯୋଗ ମୁତାବକ, ତାଙ୍କ ଦେଢଶୁରଙ୍କ ପୁଅ କଳାକାର ରବିବାର ରାତ୍ରିରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କର ୨ଟି ଛଣ ଗଦାରେ ନିଆଁ ଲଗାଇ ଦେଇଥିଲେ। ଛଣଗଦା ପୋଡିଯିବା ସହ ଏହାର ପ୍ରଭାବରେ ୨ଟି ଆମ୍ବଗଛ ପ୍ରଭାବିତ ହୋଇଥିଲା। ଥାନାକୁ ଗଲେ ମୁହଁରେ ଏସିଡ୍ ପକାଇ ପୋଡ଼ିଦେବାକୁ ଧମକ ଦେଇଥିଲେ। ଏ ନେଇ ନିରୁପମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଜିଲାସ୍ତରୀୟ ଆମେ ଜାଣିବା ଆମ ବଜେଟ ବୈଠକ

## ପ୍ରମୁଖ ଶାସନ ସଚିବଙ୍କ ଯାଜପୁର ଗସ୍ତ

ଯାଜପୁର ସଦର, ୧୩।୪ (ସମର ବିଜୟ ଶରଣ )


ବୈଠକରେ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଜିଲାପାଳ ଅମ୍ବର କୁମାର କର ଓ ପ୍ରଶାସନିକ ଅଧିକାରୀ।

ରାଜ୍ୟର ବାର୍ଷିକ ବଜେଟ୍ ୨୦୨୬-୨୭ରେ ଗରିବ, ଯୁବପିଢ଼ି, ଅନ୍ନଦାତା କୃଷକ ଓ ନାରୀ ଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି। ମିଶନ ପାୱାର ଯୋଜନା ଅଧୀନରେ ୨୦୨୬-୨୭ ସୁଦ୍ଧା ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ୩ଟି ମୌଳିକ ସୁବିଧା ଯଥା ଶକ୍ତି, ପାନୀୟ ଜଳ ଏବଂ ଶେଷ ମାଇଲ ସଂଯୋଗୀକରଣ ରାସ୍ତା ଯୋଗାଇ ଦିଆଯିବ। ଯାଜପୁରରେ ଖଣିଜ ଭିତ୍ତିକ ଶିଳ୍ପ ବିକାଶ ଏବଂ ଶିଳ୍ପ କରିଡର ସହ ସଂଯୁକ୍ତ ଭିତ୍ତିଭୂମିର ବିକାଶ ପାଇଁ ଚଳିତ ବର୍ଷର ବଜେଟରେ ପ୍ରସ୍ତାବ ରହିଛି ବୋଲି ସୋମବାର ଓଡ଼ିଶା ସରକାରଙ୍କ ପ୍ରମୁଖ ଶାସନ ସଚିବ ତଥା ଯାଜପୁର ଜିଲା ନୋଡାଲ ସଚିବ ସୁରେଶ କୁମାର ବଶିଷ୍ଠ କହିଛନ୍ତି। ସେ ଯାଜପୁର ଗସ୍ତରେ ଆସି ବଜେଟ୍ ସମ୍ବନ୍ଧୀୟ ଆଲୋଚନା ବୈଠକରେ ଯୋଗ ଦେଇଛନ୍ତି।

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆମେ ଜାଣିବା, ଆମ ବଜେଟ୍ ଶୀର୍ଷକ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୁଖ ଶାସନ ସଚିବ ବଶିଷ୍ଠ, ଜିଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀଗଣ ଯୋଗଦେଇଥିଲେ। ପ୍ରଥମେ ପ୍ରମୁଖ ଶାସନ ସଚିବ ବଶିଷ୍ଠ ଜିଲାର ବିଭାଗୀୟ ଅଧିକାରୀଙ୍କ ସହ ବଜେଟର ପରିଭାଷା ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଜିଲାପାଳ ଓଡ଼ିଶା ବଜେଟ୍ ୨୦୨୬-୨୭ର ପ୍ରମୁଖ ଦିଗଗୁଡ଼ିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିଥିଲେ। ବଜେଟରେ ଥିବା ବିଭିନ୍ନ ବିକାଶମୂଳକ ଯୋଜନା, ପ୍ରାବଧାନ, ବ୍ୟୟ ଅଟକଳ, କେଉଁ ବିଭାଗକୁ କେତେ ଟଙ୍କା ଦିଆଯାଇଛି ସମ୍ପର୍କରେ ଜନସାଧାରଣ ଜାଣିବା ଆବଶ୍ୟକ ବୋଲି ସେ କହିଥିଲେ। ବିଭିନ୍ନ ବିଭାଗୀୟ ମୁଖ୍ୟ ଅଧିକାରୀମାନେ ମଧ୍ୟ ସେମାନଙ୍କ ନିଜ ନିଜ ବିଭାଗ ସମ୍ବନ୍ଧୀୟ ବଜେଟ୍ ଅଟକଳ, ଅନୁଦାନ, ନୂତନ ଯୋଜନା, ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ସୂଚନା ପାଇଥିଲେ। ଚଳିତ ରାଜ୍ୟ ବଜେଟରେ ଗ୍ରାମୀଣ ସଶକ୍ତୀକରଣ, ଆମ ପରମ୍ପରା ଓ ଐତିହ୍ୟ, ପ୍ରଯୁକ୍ତି ବିଦ୍ୟାର ଉପଯୋଗ, ଲୋକ କୈନ୍ଦ୍ରିକ ପ୍ରଶାସନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯାଜପୁର ଏକ ବନ୍ୟା ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ବଜେଟରେ ବିପର୍ଯ୍ୟୟ ପରିଚାଳନା ପାଇଁ ଥିବା ବ୍ୟୟ ଅଟକଳ ରହିଛି। ଏହାସହ ବଜେଟରେ ରେୟାର ଆର୍ଥ କରିଡର୍ ପ୍ରତିଷ୍ଠା, ଜାତୀୟ ଜଳପଥ-୫ର ବିକାଶ, ଉତ୍କୃଷ୍ଟ ଆଇଟିଆଇ ଯୋଜନା, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ପିଏମ୍ ପୋଷଣ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା, ସମୃଦ୍ଧ କୃଷକ ଯୋଜନା ଭଳି ଅନେକ ସାମାଜିକ ବିକାଶମୂଳକ ପଦକ୍ଷେପ ରହିଛି। ଏଥିରେ ୧୦୦୦ କୋଟି ଟଙ୍କା ବ୍ୟୟରେ ପୁରୀରେ ନୂତନ ଶ୍ରୀଜଗନ୍ନାଥ ବ୍ୟାଖ୍ୟାନ କେନ୍ଦ୍ର, ଶ୍ରୀମନ୍ଦିର ଅନଲାଇନ ଦାନ ପାଇଁ ଡିଜିଟାଲ ହୁଣ୍ଡି, ୫ଟି ନୂଆ ମେଡିକାଲ କଲେଜ ନିର୍ମାଣ, ୪ ନୂତନ ବିଶ୍ୱବିଦ୍ୟାଳୟ ନିର୍ମାଣ, ଭୁବନେଶରରେ ବିଭିନ୍ନ ଜିଲାରୁ ଆସୁଥିବା ଲୋକଙ୍କ ପାଇଁ ନୂଆ ଅତିଥି ଗୃହ ନିର୍ମାଣ ଭଳି ଲୋକାଭିମୁଖୀ ପଦକ୍ଷେପ ରହିଛି। ସୁଭଦ୍ରା ଯୋଜନାରେ ମହିଳାମାନଙ୍କ ଆର୍ଥିକ ସମୃଦ୍ଧି ଏବଂ ସମ୍ମାନକୁ ସୁନିଶ୍ଚିତ କରିବାକୁ ବଜେଟରେ ୧୦,୧୪୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଓଡ଼ିଶାର ଅର୍ଥନୀତିକୁ ୨୦୩୬ ସୁଦ୍ଧା ୫୦୦ ବିଲିୟନ୍ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ପ୍ରମୁଖ ଶାସନ ସଚିବ ବଶିଷ୍ଠ କହିଥିଲେ। ଜିଲାସ୍ତରୀୟ ବୈଠକ ପରେ ବ୍ଲକ୍ ଏବଂ ପଞ୍ଚାୟତସ୍ତରରେ ମଧ୍ୟ ଲୋକଙ୍କ ଭିତରେ ରାଜ୍ୟ ବଜେଟ ସମ୍ପର୍କିତ ସଚେତନତା ସୃଷ୍ଟି କରାଯିବ। ବୈଠକ ଶେଷରେ ଜିଲାପାଳ କର ଧନ୍ୟବାଦ ଅର୍ପଣ କରିଥିଲେ।

# ଦଫା ଲଗାଇବାକୁ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତଙ୍କ ପରିବାର

ପାଣିକୋଇଲି, ୧୩।୪(ବିକାଶ ଚନ୍ଦ୍ର ମଲ୍ଲିକ)

## ମାମଲା ରୁଜୁକରି ଦଫା କୋହଳ କରିଛି ଯାଜପୁର ଥାନା



ଯାଜପୁର ଥାନା ମାମଲା ରୁଜୁ କଲାବେଳେ ପୋଲିସ ଠିକ୍ ଦଫା ଲଗାଇବାରେ ଟାଳଟୁଳ ନୀତି ଅବଲମ୍ବନ କରିଛି। ପୋଲିସ ମାମଲାରେ ଦଫା ଲଗାଇବା ବେଳେ ଏସ୍‌ଟି ଦଫାକୁ ଛାଡ଼ି ଅନ୍ୟ ଦଫା ଲଗାଇଥିଲା। ଏ ନେଇ ପୀଡିତଙ୍କ ପରିବାର ଲୋକେ ସୋମବାର ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ସହ ଏହି ମାମଲାରେ ଜାତିଗତ ଦଫା ଲଗାଇବାକୁ ଦାବି କରିଛନ୍ତି।

ଯାଜପୁର ଥାନା ଅନ୍ତର୍ଗତ ଚିତାଳ ଗ୍ରାମର ସଞ୍ଜୁଲତା ଯେନାଙ୍କ ଅଭିଯୋଗ ମୁତାବକ, ତାଙ୍କ ପୁଅ ବିକ୍ରମ ଗତ ୮ ତାରିଖ ଚିତାଳ ବଜାରକୁ ଯାଇଥିଲେ। ସେଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ କୁଆଡ଼େ ଗଲେ ବୋଲି ଖୋଜାଖୋଜି କରିଥିଲେ। ପରେ ଜାଣିବାକୁ ପାଇଲେ ଇଟିରା ଗ୍ରମାର ଅନନ୍ତ ସାହୁ ଚିତାଳଠାରେ ତାଙ୍କୁ ଜାତିଆଣା ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ବିକ୍ରମ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ୪ ଦିନ ରହି ଚିକିତ୍ସିତ ହୋଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୪୮/୨୬ରେ ମାମଲା ରୁଜୁ କରିଥିଲେ ହେଁ ଜାତିଆଣା ଦଫା କରି ନ ଥିଲା। ଏହାକୁ ନେଇ ଏସ୍‌ପିଙ୍କୁ ଭେଟି ଏତଲା ଅନୁଯାୟୀ ଦଫା ଲଗାଇବାକୁ ସଞ୍ଜୁଲତା ନିବେଦନ କରିଛନ୍ତି।

# ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର


ଶିବିରରେ ଜଣେ ଅଧ୍ୟାପକ ରକ୍ତଦାନ କରୁଛନ୍ତି।

ଧର୍ମଶାଳା, ୧୩।୪ (ବଟକୃଷ୍ଣ ପରିଡା)

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଓଡ଼ିଆ ପକ୍ଷ ପାଳନ ଅବସରରେ ବଳରାମପୁରସ୍ଥିତ ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ୟୁଥ୍ ରେଡ୍‌କ୍ରସ୍‌ର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଟକର ସେଣ୍ଟ୍ରାଲ ରେଡ୍‌କ୍ରସ୍ ବ୍ଲଡ ବ୍ୟାଙ୍କ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ଧର୍ମଶାଳା ପଞ୍ଚାୟତ ସମିତିର ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷା କବିତା ବିଶ୍ୱାଳ ଓ ଜାତୀୟ ସେବା ଯୋଜନାର ସଂଯୋଜକ ପ୍ରସନ୍ନ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ଛାତ୍ରୀଛାତ୍ରମାନଙ୍କ ସହିତ ଯୁବକମାନେ ଉତ୍ସାହର ସହିତ ରକ୍ତଦାନ କରିଥିଲେ। ୪୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ରକ୍ତଗୁଡ଼ିକୁ ଆବଶ୍ୟକତାରେ ଥିବା ରୋଗୀମାନଙ୍କ ସେବାରେ ବ୍ୟବହାର କରାଯିବ ବୋଲି ଜଣାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ରକ୍ତଦାନର ମହତ୍ତ୍ୱ ବିଷୟରେ ଆଲୋଚନା କରି ସମସ୍ତଙ୍କୁ ଏହି ମହତ କାର୍ଯ୍ୟରେ ଆଗୁଆ ହେବାକୁ ଆହ୍ୱାନ ଦେଇଥିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ଶିବିରରେ ସହଯୋଗ କରିଥିଲେ।

# ଜରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା ଗଣଧାରଣା ପ୍ରତ୍ୟାହୃତ


ଗଣଧାରଣାସ୍ଥଳରେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ପହଞ୍ଚି ଆଲୋଚନା କରୁଛନ୍ତି।

ସିଂହପୁର, ୧୩।୪ (ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅଧୀନ ଜରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା ଗଣଧାରଣା ସୋମବାର ପ୍ରତ୍ୟାହୃତ ହୋଇଛି। ସ୍ଥାୟୀ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି, ମଲ୍ଟି ପର୍ପ ହେଲଥ ୱାର୍କର, ସ୍ଥାୟୀ ଫାର୍ମାସିଷ୍ଟ ନିଯୁକ୍ତି, ପ୍ରସୂତି ସେବା ଚାଲୁ କରିବା, ସାପ, କୁକୁର କାମୁଡ଼ା ଇଞ୍ଜେକସନ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦେବା ଦାବିରେ ଆଞ୍ଚଳିକ ବୁଦ୍ଧିଜୀବୀ ମଞ୍ଚର ସଭାପତି ଗଣନାଥ ବିଶ୍ୱାଳ, ସମ୍ପାଦକ ବ୍ରହ୍ମାନନ୍ଦ ମଲ୍ଲିକ, ମଞ୍ଚର ବରିଷ୍ଠ ସଭ୍ୟ ବିଷ୍ଣୁ ଚରଣ ଭୂୟାଁଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗଣଧାରଣାର ୫ମ ଦିନ ଧରି ଚାଲିଥିଲା। ସୋମବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶରେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ନିଜେ ଆସି ଦାବିଗୁଡିକ ପୂରଣ କରିଛନ୍ତି। ସ୍ଥାୟୀ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ପାଇଁ ଦେଢ଼ମାସ ସମୟ ନେଇଛନ୍ତି। ବର୍ତ୍ତମାନ ଡାକ୍ତର ଜଗନ୍ନାଥ ବେହେରାଙ୍କୁ ସପ୍ତାହରେ ୩ଦିନ ବୁଧବାର, ଗୁରୁବାର ଓ ଶୁକ୍ରବାର କାର୍ଯ୍ୟ କରିବାପାଇଁ ନିର୍ଦ୍ଦେଶ ଅଛି। ସେହିପରି ମଲ୍ଟି ପର୍ପ ହେଲଥ ୱାର୍କର ବିକାଶ ମଳିକ ପରିବର୍ତ୍ତେ ପବିତ୍ର କୁମାର ସାହୁ ଜରୀରେ ଡିଉଟି କରିବେ। ଆୟୁଷ ଡାକ୍ତର ନନି ଗୋପାଳ ମହାନ୍ତିଙ୍କୁ ସିଂହପୁର ସ୍ଥାନାନ୍ତର କରାଯାଇଛି। ଏହା ଲିଖିତ ନିର୍ଦ୍ଦେଶ ମିଳିବା ପରେ ଆଞ୍ଚଳିକ ବୁଦ୍ଧିଜୀବୀ ମଞ୍ଚର ସମ୍ପାଦକ ମଲ୍ଲିକ ଗଣଧାରଣା ପ୍ରତ୍ୟାହୃତ ହୋଇଛି ବୋଲି ଘୋଷଣା କରିଛନ୍ତି। ୨ ମାସ ମଧ୍ୟରେ ସ୍ଥାୟୀ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ନ କରାଗଲେ ଜୁନରେ ପୁନର୍ବାର ଗଣଆନ୍ଦୋଳନ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଛନ୍ତି।

# ମା’ ଦରିଆନାହାକାଣୀ ପୀଠରେ ଚଣ୍ଡୀ ମହାଯଜ୍ଞ

ସିଂହପୁର, ୧୩।୪ (ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳର ଅଧିଷ୍ଠାତ୍ରୀ ମା’ ଦରିଆନାହାକାଣୀ ପୀଠରେ ୨୬ତମ ପଞ୍ଚଭୂତ ଚଣ୍ଡୀ ମହାଯଜ୍ଞ ୧୧ ତାରିଖଠାରୁ ଆରମ୍ଭ ହୋଇ ପଣା ସଂକ୍ରାନ୍ତି ଦିନ ଉଦ୍‌ଯାପିତ ହେବ। ପୀଠର ଚତୁଃପାର୍ଶ୍ୱରେ ଶ୍ରଦ୍ଧାଳୁଙ୍କ ସହଯୋଗରେ ଦରିଆନାହାକାଣୀ ଉନ୍ନୟନ ପରିଷଦର କର୍ମକର୍ତ୍ତାଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୁରୁ ପୂଜା, ଗୋ ପୂଜା ଓ ସପ୍ତସତି ଚଣ୍ଡୀରେ ଆହୁତି ପ୍ରଦାନ କରାଯାଉଛି। ପୀଠ ଏବେ ଚଳଚଞ୍ଚଳ ରହିଛି। ମୁଖ୍ୟ ପୁରୋଧା ଭାବେ ପଣ୍ଡିତ ମହେଶ୍ୱର ନନ୍ଦ, କର୍ମକାଣ୍ଡବିତ ରଞ୍ଜିତ କୁମାର ତ୍ରିପାଠୀ, ଜୟଦେବ ମିଶ୍ର, ଜ୍ୟୋତି ନାରାୟଣ ତ୍ରିପାଠୀ, ପ୍ରେମାନନ୍ଦ ମିଶ୍ର ପ୍ରମୁଖ କର୍ମ ସମ୍ପାଦନ କରୁଛନ୍ତି।

# ଓଭରବ୍ରିଜ୍‌ରୁ ଖସିଲା ଆଳୁ ବୋଝେଇ ଟ୍ରକ୍, ଚାଳକ ଫେରାର

ପାଣିକୋଇଲି, ୧୩।୪ (ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ବଡ଼ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ନିକଟରେ ଗଳିପୋଲ ପୂର୍ବରୁ ଓଭରବ୍ରିଜ୍ ଉପରୁ ଏକ ଆଳୁ ବୋଝେଇ ଟ୍ରକ୍ ତଳକୁ ଖସିପଡିଛି। ପଶ୍ଚିମବଙ୍ଗରୁ ଆଳୁ ବୋଝେଇ କରି ଏକ ଟ୍ରକ୍ (ନଂ. ଡବ୍ଲ୍ୟୁବି ୧୭ପି ୪୪୫୫) ଆଳୁ ନେଇ ପାରଦୀପ ଯାଉଥିଲା। ମକୁନ୍ଦବିନ୍ଧା ନିକଟରେ ଅନ୍ୟ ଏକ ଗାଡ଼ିକୁ ଓଭରଟେକ କରି ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ଓଭରବ୍ରିଜ୍ ତଳକୁ ଟ୍ରକ୍ ଖସି ପଡିଥିଲା। ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଥିବା ବେଳେ ଖଲାସୀ କାଜି ଅନୱାର ଜଗି ବସିଥିଲେ। ଖବରପାଇ ରାଜପଥ ପାଟ୍ରୋଲିଂ ଓ ପୋଲିସ ପହଞ୍ଚି ଟ୍ରକକୁ ଉଠାଇବା ସହ ଅନ୍ୟ ଏକ ଗାଡିରେ ଆଳୁକୁ ପଠାଇଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଦୁର୍ଘଟଣାରେ ଯାଉଛି ବନ୍ୟଜନ୍ତୁଙ୍କ ଜୀବନ

କାଏମା, ୧୩।୪(ଶିବ ପ୍ରସାଦ ମହାନ୍ତି)



ଯାଜପୁର ଜିଲା ଧର୍ମଶାଳା ଥାନା ୧୬ ନଂ. ଜାତୀୟ ରାଜପଥର ଗୋକର୍ଣ୍ଣେଶ୍ୱର ବ୍ରିଜ ନିକଟରୁ କାଏମା ବ୍ରିଜ ପର୍ଯ୍ୟନ୍ତ ସଂଯୋଗ କରୁଥିବା ନଦୀବନ୍ଧ ରାସ୍ତାରେ ବାରମ୍ବାର ଦୁର୍ଘଟଣାରେ ବନ୍ୟଜନ୍ତୁଙ୍କ ଜୀବନ ଯାଉଛି। ଅନେକ ସମୟରେ ବାଇକ୍ ଆରୋହୀ ମଧ୍ୟ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହେଉଛନ୍ତି।ଏଭଳି ଦୁଘଟଣାରେ ଶିଆଳ, ବିଲୁଆ ଭଳି ଅନ୍ୟ ବନ୍ୟଜନ୍ତୁ ଦୁର୍ଘଟଣାରେ ମରି ପଡ଼ିଥିବା ଦେଖିବାକୁ ମିଳୁଛି। କେତେଜଣ ଅସାଧୁ ବ୍ୟବସାୟୀ ଓ ଯୁବକମାନଙ୍କ କାରଣରୁ ଏହି ଦୁର୍ଘଟଣା ହେଉଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। କିଛିବର୍ଷ ପୂର୍ବେ ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଦ୍ୱାରା ପିଚୁ କରାଯାଇଥିଲା। ଜାରକା ବଜାର ଭିଡ଼ରୁ ବର୍ତ୍ତିବା ପାଇଁ ଏହି ରାସ୍ତା ଦେଇ ଅନେକ ବାଇକ୍ ଆରୋହୀ ଓ ଚାରି ଚକିଆ ଯାନ ଯାତାୟାତ କରିଥାନ୍ତି। ରାଜପଥରେ କୁଆଖିଆ ପଟରୁ ଆସିବା ସମୟରେ ଧର୍ମଶାଳା ବଜାର, ଭୁବନ, କାଏମା, ଦେଓଦା, ନରସିଂହପୁର, ମିର୍ଜାପୁର, କୋଟପୁର, ରମାପୁର ଯିବା ପାଇଁ ମଧ୍ୟ ଏହି ରାସ୍ତା ଦେଇ ଯାଇଥାନ୍ତି। କୃଷ୍ଣଦାସପୁର ନିକଟରେ ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥ ସହ ଏହି ରାସ୍ତା ସଂଯୋଗ କରିଛି। ତେଣୁ ରାସ୍ତାର ଗୁରୁତ୍ୱ ଯଥେଷ୍ଟ ରହିଛି। ଅନ୍ୟପକ୍ଷରେ ନିକଟ ବଜାରରେ ଥିବା ଚିକେନ, ମାଛ ବ୍ୟବସାୟୀମାନେ ବେପାର ସାରିବା ପରେ ବାହାରୁ ଥିବା ପଚା ସଡ଼ା ବର୍ଜ୍ୟବସ୍ତୁକୁ ନଦୀ ବନ୍ଧ କଡ଼ରେ ପକାଇ ଦେଇ ଚାଲି ଯାଉଛନ୍ତି। ଯାହାକୁ ଖାଇବା ପାଇଁ ଆସୁଥିବା ବନ୍ୟଜନ୍ତୁ ଦୁର୍ଘଟଣାର ଶିକାର ହେବା ସହ ଲୋକେ ମଧ୍ୟ ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି ନିକଟରେ କେଲୁଅ ନଦୀ ବନ୍ଧ ଉପରେ ସନ୍ଧ୍ୟାଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅସାମାଜିକ ଯୁବକମାନେ ବସି ମଦ୍ୟପାନ କରିବା ସହ ବିଭିନ୍ନ ପ୍ରକାର ଆମିଷ ଖାଦ୍ୟ ଖାଇ ଖଟି କରି ସାରି ବଳକା ଖାଦ୍ୟକୁ ରାସ୍ତା କଡ଼ରେ ପକାଇ ଚାଲି ଯାଆନ୍ତି। ଯାହା ଫଳରେ ଏହି ରାସ୍ତାରେ ଚୋରି ରାହାଜାନୀ ବଢ଼ିବା ସହ ଦୁର୍ଘଟଣା ଘଟୁଛି। ତେଣୁ ଏହା ଉପରେ ପୋଲିସ ପ୍ରଶାସନ ଏବଂ ବନ୍ୟଜନ୍ତୁଙ୍କ ଜୀବନ ରକ୍ଷା କରିବା ନିମନ୍ତେ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ୩୯ରୁ ୧୦ ଅଭିଯୋଗର ତତ୍କାଳ ସମାଧାନ

## ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ବ୍ୟାସନଗର, ୧୩।୪ (ପବିତ୍ର ରଞ୍ଜନ ମହାନ୍ତି)


ଜିଲାପାଳ ଅମ୍ବର କୁମାର କର, ଅନ୍ୟ ଅଧିକାରୀ ଲୋକମାନଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

ବ୍ୟାସନଗର ସ୍ଥିତ କେଏନ୍‌ଡିଏ ସମ୍ମିଳନୀ କକ୍ଷଠାରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ବର କୁମାର କର ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଶିବିରରେ ୩୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୭ , ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୨, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୮ ଏବଂ ରେଡ୍‌କ୍ରସ ପାଣ୍ଠିରୁ ୨ ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୧୦ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଶିବିରରେ ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ, ଯାଜପୁର ଦେବୀ ପ୍ରସାଦ ମହାନ୍ତି, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ଯାଜପୁର ଉପ ଜିଲାପାଳ ତାପସ ରଞ୍ଜନ ଦେହୁରୀ, ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

**ଯୁଗ୍ମଜନ ଶୁଣାଣିରେ ୮୫ ଅଭିଯୋଗ ପଞ୍ଜୀକୃତ**

ବାଲିକୁଦା,(ତାପସ ସ୍ୱାଇଁ): ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ୮୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ୭୨ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୧୩ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାଶନ କାର୍ଡ ସମ୍ବନ୍ଧୀୟ ୪, ଆବାସ ସମ୍ପର୍କିତ ୭, ଜମିଜମା ସମସ୍ୟା ୧୪, ପୋଲିସ ସହାୟତା ପାଇଁ ୨, ଭତ୍ତା ପାଇଁ ୨ ଏବଂ ଅନ୍ୟାନ୍ୟ ୧୯ ଅଭିଯୋଗର ଶୁଣାଣି କରାଯାଇଥିଲା। ୨୪ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା।

## ସଂକ୍ଷେପରେ

### ଓଡ଼ିଆ ନବବର୍ଷ ମହୋତ୍ସବ

ପାରାଦୀପ, ୧୩।୪(ଶରତ ରାଉତ)

ସ୍ଥାନୀୟ ବତୀଘର ପାଖ ବାଲିଯାତ୍ରା ପଡିଆରେ ସୋମବାର ସନ୍ଧ୍ୟାରେ ପାରାଦୀପ ପୌରପାଳିକା ପକ୍ଷରୁ ଓଡ଼ିଆ ନବବର୍ଷ ମହୋତ୍ସବ ଆରମ୍ଭ ହୋଇଛି। ଏହା ମଙ୍ଗଳବାର ଉଦ୍‌ଯାପିତ ହେବ। ଏଥିରେ ଓଡ଼ିଶାର ସଂସ୍କୃତି, ଭିତ୍ତିକ କାର୍ଯ୍ୟକ୍ରମ, ଖାଦ୍ୟ ସାମଗ୍ରୀ ବିକ୍ରି ହେଉଛି। ଏହାକୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ଅନ୍ୟ କାଉନସିଲରମାନେ ଉପସ୍ଥିତ ଥିଲେ।

### ଆଇନଜୀବୀ ହେମନ୍ତ କୁମାର ସାହୁଙ୍କ ସ୍ମୃତି ଚାରଣ ଓ ସ୍ମରଣିକା ଉନ୍ମୋଚନ

କୁଜଙ୍ଗ, ୧୩।୪(ମନୋଜ ପ୍ରଧାନ)

କୁଜଙ୍ଗ ଅଞ୍ଚଳର ବରିଷ୍ଠ ଓକିଲ ତଥା ପାରାଦୀପ ଓକିଲ ସଂଘ ନିର୍ବାଚନରେ ସମ୍ପାଦକ ରୂପେ ନିର୍ବାଚିତ ହୋଇଥିବା ହେମନ୍ତ କୁମାର ସାହୁଙ୍କ ଏକାଦଶାହାରେ ଶ୍ରଦ୍ଧାଞ୍ଜଳି ସଭା, ସ୍ମରଣିକା ଉନ୍ମୋଚନ ଓ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ଜଗତସିଂହପୁର ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ, ବିଜେଡି ନେତା ଇଂ. ପ୍ରମୋଦ କିଶୋର ଜେନା, କଂଗ୍ରେସ ନେତା ଇଂ.ନଳିନ କୁମାର ସ୍ୱାଇଁ, ଓକିଲ ସଂଘ ପୂର୍ବତନ ସଭାପତି ଅମୃତ ଦାସ, କୁଜଙ୍ଗ ଓକିଲ ସଂଘ ସଭାପତି ସଞ୍ଜୟ କୁମାର ବେହେରା, ସମ୍ପାଦକ ରଞ୍ଜିତ ବିଶାଳ ଓ ଏଏନଡି ଯାଦବ ପ୍ରମୁଖ ଯୋଗ ଦେଇ ତାଙ୍କର ସ୍ମୃତିଚାରଣ କରିବା ସହ ଅଞ୍ଚଳରେ ଶିକ୍ଷା, ଆଇନ ସେବା ଓ ଅନ୍ୟାନ୍ୟ ଦିଗରେ ତାଙ୍କର ଉତ୍ସର୍ଗୀକୃତ ସେବା ମନୋଭାବ ସ୍ମରଣ କରିଥିଲେ। ସ୍ମୃତି ସଭାରେ ଜିବାନାନନ୍ଦ ଅଧିକାରୀ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ କ୍ରୀଡା ସଙ୍ଗଠକ ବିଶ୍ୱନାଥ ମଲ୍ଲିକ ପରିଚାଳନା କରିଥିଲେ।

### ଦୋକାନ ଶଟର ତାଡି ୮୦ ମୋବାଇଲ ଚୋରି

ନାଉଗାଁ, ୧୩।୪(ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ମୁଣ୍ଡଲୋ ବଜାରରେ ଥିବା ଜୟ ମହାବୀର କମ୍ୟୁନିକେସନ ନାମକ ଏକ ମୋବାଇଲ ଦୋକାନରୁ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦୋକାନର ସଟର ତାଡି ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି କରି ନେଇଥିବା ନାଉଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ସିସିଟିଭି ଫୁଟେଜ ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ତଦନ୍ତଜାରୀ ରଖିଥିବା ଜଣାଯାଇଛି। ଦୋକାନ ମାଲିକ ଆଶିଷ କୁମାର ପରିଡାଙ୍କ ଅଭିଯୋଗ ମୁତାବକ ରବିବାର ରାତି ୧୦ରେ ସବୁଦିନ ପରି ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ସକାଳୁ ଆସି ଦେଖିଲା ବେଳକୁ ଦୋକାନ ଶଟର ତଡ଼ା ଯାଇଛି। ଏଥିସହ ଦୋକାନରେ ଥିବା ୮୦ଟା ଦାମୀ ମୋବାଇଲ ସହ ଡ୍ରରେ ରହିଥିବା ଏକ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତି କରି ମାମଲା (ନଂ.୧୦୪/୨୬) ରୁଜୁକରାଯାଇ ସିସିଟିଭି ଫୁଟେଜ ଦେଖି ତଦନ୍ତ ଜାରି ରହିଥିବା ଥାନାଧିକାରୀ ଦେବାଶିଷ ପଣ୍ଡା କହିଛନ୍ତି।

# ‘ଓଡ଼ିଆ ଖାଦ୍ୟ ଆମ ପରିଚୟର ଅବିଚ୍ଛେଦ୍ୟ ଅଂଶ’

## ଓଡ଼ିଆ ପକ୍ଷରେ ସ୍ୱଦେଶୀ ଖାଦ୍ୟ ପ୍ରତି ଆଗ୍ରହ ବଢ଼ାଇବାକୁ ପ୍ରୟାସ

ଜଗତ୍‌ସିଂହପୁର, ୧୩।୪ (ପ୍ରମୋଦ କୁମାର ନାୟକ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲାସ୍ତରରେ ଆମ ରୁଚି, ଆମ ଖାଦ୍ୟ ପ୍ରଦର୍ଶିତ ହୋଇଯାଇଛି। ଏଭଳି କାର୍ଯ୍ୟକ୍ରମ କରାଯିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଆ ପାରମ୍ପରିକ ଖାଦ୍ୟର ସମୃଦ୍ଧି, ସ୍ୱାଦ, ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରାଇବା। ବିଶେଷକରି ସ୍ୱଦେଶୀ ଖାଦ୍ୟ ପ୍ରତି ଲୋକମାନଙ୍କ ଭିତରେ ଆଗ୍ରହ ବଢ଼ାଇବା। ଏହାଦ୍ୱାରା ଆମେ ଆମ ପରମ୍ପରାକୁ ସୁରକ୍ଷିତ ରଖିବା ସହ ସଂରକ୍ଷିତ କରିବାରେ ସଫଳ ହୋଇପାରିବା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହା କୁହାଯାଇଛି। ଜିଲା ପର୍ଯ୍ୟଟନ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିକାଶ ଅଧିକାରୀ ମୀରାବାଈ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି,


ଆମ ରୁଚି, ଆମ ଖାଦ୍ୟ କାର୍ଯ୍ୟକ୍ରମରେ ମହିଳାମାନେ ପ୍ରସ୍ତୁତ କରିଥିବା ଖାଦ୍ୟ ପ୍ରଦର୍ଶିତ କରୁଛନ୍ତି।

ଅବକାରୀ ଅଧିକ୍ଷକ ଅନିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହାବାଦ ଜିଲାର ବିଭିନ୍ନ ବ୍ଲକ ଓ ପୌରପାଳିକାରେ ମଧ୍ୟ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଓଡ଼ିଆ ଖାଦ୍ୟ ଯଥା ମାଣ୍ଡିଆରୁ ପ୍ରସ୍ତୁତ ଏଣ୍ଡୁରି ପିଠା, ଆରିଶା ପିଠା, ମାଣ୍ଡିଆ ପିଠା, ପୋଡ଼ ପିଠା, ଦହିବରା ଓ ସରବତ ଆଦି ପ୍ରଦର୍ଶିତ ହୋଇଥିଲା। ପ୍ରତି ଓଡ଼ିଆଙ୍କ ପ୍ରିୟ ପଖାଳ ପସରା ମଧ୍ୟ ପ୍ରଦର୍ଶିତ ହୋଇଥିଲା। ରଘୁନାଥପୁରଠାରେ ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଓଡ଼ିଆ ନବ ବର୍ଷ ଆମ ସଂସ୍କୃତି ଓ ସ୍ୱାଭିମାନର ପ୍ରତୀକ। ଏହି କାର୍ଯ୍ୟକ୍ରମ ଆମର ପାରମ୍ପରିକ କଳାକୁ ଉଦ୍‌ଜୀବିତ କରି ରଖିବାରେ ସାହାଯ୍ୟ କରିବ। ମହିଳାମାନଙ୍କ ହାତର ପିଠା ଓ ପଣା ଆମ ଘରେ ଘରେ ଓଡ଼ିଆଣୀର ପରିଚୟ ଦେଇଥାଏ। ଓଡ଼ିଆ ଖାଦ୍ୟ ପରମ୍ପରା କେବଳ ସ୍ୱାଦ ନୁହେଁ, ବରଂ ଏହା ଆମ ପରିଚୟର ଏକ ଅବିଚ୍ଛେଦ୍ୟ ଅଂଶ। ଏହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଆମର ଆଗାମୀ ପିଢ଼ିକୁ ନିଜ ସଂସ୍କୃତି ସହ ଯୋଡ଼ି ରଖିବାରେ ସହାୟକ ହୋଇପାରିବା ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ଏହି ଅବସରରେ ବିଜେତା ସମେତ ଅଂଶଗ୍ରହଣ କରିଥିବା ଏସ୍‌ଏଚ୍‌ଜିକୁ ପ୍ରମାଣପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା।

# ଏଏମ୍‌ଏନ୍‌ଏସ୍ ପକ୍ଷରୁ ‘ସାଇଲେଣ୍ଟ ଆୱାର ମକ୍ ଡ୍ରିଲ’


ଜରୁରିକାଳୀନ ପରିସ୍ଥିତି ମୁକାବିଲା ପାଇଁ ମକ୍‌ଡ୍ରିଲ୍ କରାଯାଉଛି।

ପାରାଦୀପ, ୧୩।୪(ଶରତ ରାଉତ)

ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ (ଏଏମ୍‌ଏନ୍‌ଏସ୍) ପକ୍ଷରୁ ପାରାଦୀପ ପେଲେଟ ପ୍ଲାଣ୍ଟ ପରିସରରେ ସୋମବାର ‘ସାଇଲେଣ୍ଟ ଆୱାର ମକ ଡ୍ରିଲ’ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲା କ୍ରାଇସିସ୍ ଗ୍ରୁପ (ଡିସିଜି)ର କାର୍ଯ୍ୟସୂଚୀ ଅନୁଯାୟୀ ସନ୍ଧ୍ୟା ସମୟରେ ଆୟୋଜିତ ଏହି ମକ୍‌ଡ୍ରିଲ ମାଧ୍ୟମରେ କମ୍ପାନୀ ନିଜର ଅନସାଇଟ ଜରୁରିକାଳୀନ ପରିସ୍ଥିତି ମୁକାବିଲା କ୍ଷମତାକୁ ପ୍ରଦର୍ଶିତ କରିଛି। ଏଥିରେ କମ୍ପାନୀର ବିଭିନ୍ନ ବିଭାଗ ଓ କୁଜଙ୍ଗର ଅଗ୍ନିଶମ ଅଧିକାରୀ କାର୍ତ୍ତିକ ବିଶ୍ୱାଳ, ନୂଆଗଡ଼ ପଞ୍ଚାୟତର ସରପଞ୍ଚ ଦେବେନ୍ଦ୍ର ରାଉତ, କମ୍ପାନୀ ଅଧିକାରୀ ଏଚ୍ ହରିପ୍ରସାଦ, ପାୱାର ପ୍ଲାଣ୍ଟର ମୁଖ୍ୟ ରାଜଶ୍ରୀ ସିହ୍ନା ଏବଂ ସ୍ୱାସ୍ଥ୍ୟ ଓ ସୁରକ୍ଷା ବିଭାଗର ମୁଖ୍ୟ ସଞ୍ଜୀବ କୁମାର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ସେବା ସମବାୟ ସମିତିରେ ଅନିୟମିତତା

## ଜିଲାପାଳଙ୍କ ନିକଟରେ ଅଭିଯୋଗ

ବାଲିକୁଦା, ୧୩।୪(ତାପସ ସ୍ୱାଇଁ)

କାଞ୍ଚିଆକଣ ସେବା ସମବାୟ ସମିତିରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ସମିତିର ହେଉଥିବା ବେଆଇନ କାର୍ଯ୍ୟରେ ଅତିଷ୍ଟ ହୋଇ ପରିଚାଳନା ପରିଷଦ ଓ ଧାନ କିଣା କମିଟି ବାରମ୍ବାର ଉପରିସ୍ଥ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ ସୁଦ୍ଧା କୌଣସି ଫଳପ୍ରଦ ହେଉନାହିଁ। ଏନେଇ ଜିଲାପାଳଙ୍କ ନିକଟରେ ଉଭୟ ଧାନ କିଣା କମିଟି ଓ ପରିଚାଳନା ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ସଭାପତିଙ୍କ ଅଗୋଚରରେ ଚାଷୀଙ୍କ ଆଖି ସ୍କାନ କରିବା ଓ ଏଥିପାଇଁ ଜଣକା ପିଛା ୨ଶହ ଟଙ୍କା ଲେଖାଏଁ ଲାଞ୍ଚ ନେବା, ଚାଷୀଙ୍କ ଟୋକନ ହେରଫେର କରିବା, ଠିକ୍ ସମୟରେ ଚାଷୀଙ୍କ ଧାନ ଉଠାଯାଉ ନଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଯେଉଁ ସମୟରେ କମ୍ ଧାନ କିଣା ପାଇଁ ଟାର୍ଗେଟ ଆସିଥିଲା ସେତେବେଳେ ମନମାନୀ କରାଯାଇ କେତେଜଣ ଚାଷୀଙ୍କ ଠାରୁ ୩୩ ପ୍ରତିଶତ ପର୍ଯ୍ୟନ୍ତ ଧାନ କଟାଯାଇଥିବାବେଳେ ଆଉ କେତେଜଣ ଚାଷୀଙ୍କ ଠାରୁ ମୋଟା ଅଙ୍କର ଲାଞ୍ଚ ନେଇ ଶତପ୍ରତିଶତ ଧାନ କିଣାଇବା ଭଳି ଅଭିଯୋଗ ହୋଇଛି।

ସେହିପରି ମିଲର ଧାନ ନେବା ପାଇଁ ୩ ଟ୍ରକ ପଠାଇଥିବା ବେଳେ ଉକ୍ତ ଗାଡ଼ିଗୁଡ଼ିକୁ ଫେରାଇଦେବାରୁ ଚାଷୀଙ୍କ ସମସ୍ୟା ବଢ଼ିଯାଇଛି । ଏସବୁ ଅନିୟମିତତାର ଠିକ୍‌ଭାବେ ତଦନ୍ତ କରାଗଲେ ଧାନ କିଣାରେ କରାଯାଇଥିବା ଅନିୟମିତତାର ପର୍ଦ୍ଦାଫାଶ ହେବ ବୋଲି ସଭାପତି ଶ୍ୟାମ ମୁଦୁଲିଙ୍କ ସମେତ ଜିଲାପରିଷଦ ସଦସ୍ୟା ରୁନିଲତା ବେହେରା, ସମିତିସଭ୍ୟ ଜୟୀରାମ ଦାସ, ପ୍ରଶାନ୍ତ ନାୟକ, ସୁଧାଂଶୁ ବେହେରା ଓ ବ୍ରଜକିଶୋର ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ଏହାପରେ ଜିଲାପାଳ ଅଭିଯୋଗର ତଦନ୍ତ ପାଇଁ ଏଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ: ଭଙ୍ଗା ଗଲା ପକ୍କାଘର

ରଘୁନାଥପୁର, ୧୩।୪
(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତସିଂହପୁର ଉପଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ସୋମବାର ରଘୁନାଥପୁର ବ୍ଲକ ଗୋପାଳପୁର ଗ୍ରାମରେ ଦୀର୍ଘଦିନ ଧରି ବ୍ୟକ୍ତିଗତ ଦଖଲରେ ଥିବା ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯାଇଛି। ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କ ପକ୍ଷରୁ ଅତିରିକ୍ତ ତହସିଲଦାର ମନୋଜ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଉକ୍ତ ଗ୍ରାମର କଟକ-ପାରାଦୀପ ରାସ୍ତା ପାର୍ଶ୍ୱ ସରକାରୀ ଜମିରେ ୫ ବ୍ୟକ୍ତିଙ୍କ ସ୍ଥାୟୀ ଭାବେ ରହିଥିବା ଦୋକାନ ଓ ଅନ୍ୟାନ୍ୟ ଘରକୁ ମେଶିନ ଦ୍ୱାରା ଭଙ୍ଗା ଯାଇଥିଲା।

ରଘୁନାଥପୁର ଆଇଆଇସି ପ୍ରେମଜିତ୍ ଦାସଙ୍କ ନେତୃତ୍ୱରେ ଏସ୍‌ଆଇ ଯୋଗେଶ୍ୱର ବେହେରା ଓ ୨ ସେକ୍ସନ ପୋଲିସ ଏଥିରେ ନିୟୋଜିତ ଥିଲେ। ଏହାଛଡା ଏରସମା ଥାନା ଆଇଆଇସି ପାର୍ଥ ପତିମ ବେଉରା ଓ କୃଷ୍ଣାନନ୍ଦପୁର ଆଇଆଇସି ରଞ୍ଜନ କୁମାର ମାଝୀ ମଧ୍ୟ ଉପସ୍ଥିତ ଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ଯନ୍ତ୍ରୀ ବେଦବ୍ୟାସ ସ୍ୱାଇଁ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ କି ପୂର୍ବରୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ତହସିଲ ପକ୍ଷରୁ ଅବରୋଧକାରୀଙ୍କୁ ନୋଟିସ କରାଯାଇଥିଲା। ଏଥିରେ ସୁଫଳ ନ ମିଳିବାରୁ ସରକାରୀ ଉଚ୍ଚ ନ୍ୟାୟାଳୟରେ କେସ୍ (ନଂ.୩୬୩୬୭/୨୫) ଦାୟର କରାଯାଇଥିଲା।ଏଥିରେ ଉପଜିଲାପାଳ ଜଗତସିଂହପୁର ଓ ରଘୁନାଥପୁର ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ଉପଜିଲାପାଳଙ୍କ ପକ୍ଷରୁ ୨ ଥର ନୋଟିସ ଦିଆଯିବା ପରେ ସୋମବାର ଜବରଦଖଲ ଉଚ୍ଛେଦ ପାଇଁ ଦିନ ଧାର୍ଯ୍ୟ କରାଯାଇ ଏ ସମ୍ପର୍କରେ ଅବରୋଧ କାରୀଙ୍କୁ ଅବଗତ କରାଯାଇଥିଲା।

# ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ

ଏରସମା/ରଘୁନାଥପୁର, ୧୩।୪
(ଦୀପ୍ତି ଖଣ୍ଡୁଆଳ/ ରାଜେନ୍ଦ୍ର ନାରାୟଣ ସିଂହ)

ଏରସମା ବ୍ଲକ ପରିସରରେ ସ୍ୱୟଂ ସହାୟିକା ଦଳର ମା'ଭଉଣୀମାନଙ୍କ ଦ୍ୱାରା ସୋମବାର ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ବିଡିଓ ଦାଶରଥି ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମରେ ୨୬ ଏସ୍‌ଏଚ୍‌ଜିର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର କୁମାର ଲେଙ୍କା ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ବ୍ଲକ ବିତ୍ତ ଅଧିକାରିଣୀ ପ୍ରତିମା କୁମାରୀ ସାହୁ, ବ୍ଲକ ସଂଯୋଜକ ନଳିନୀ ରଞ୍ଜନ ମନ୍ତ୍ରୀ, ଜିପିଓ ସୂର୍ଯ୍ୟ ପ୍ରକାଶ ସାମନ୍ତସିଂହାର, ଡବ୍ଲୁଓ ଗୁରୁପ୍ରସନ୍ନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପିଠା, ଦଧିଅନ୍ନ, ବ୍ୟଞ୍ଜନ ,ଖିରି, ଚଟଣି, ପାନୀୟ ପ୍ରଭୃତି ପ୍ରଦର୍ଶିତ ହୋଇଥିଲା।

ସେହପରି ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭା କକ୍ଷରେ ଏସଏଚଜି ମହିଳାଙ୍କୁ ନେଇ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏଥିରେ ଜଗତସିଂହପୁର ଏଡିଏମ୍ ଜ୍ୟୋତିଶଙ୍କର ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ଦାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ପିଠାପଣା ଦେଖି ଖୁସିବ୍ୟକ୍ତ କରିଥିଲେ।ଏହି ପରିପ୍ରେକ୍ଷୀରେ ଗତ ଏପ୍ରିଲ ୧୦ ତାରିଖରେ ରଘୁନାଥପୁର ବ୍ଲକ ପରିସରରେ ହୋଇଥିବା କଳାକାରଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମର ପାଲା, ଦାସକାଠିଆ, ଘୋଡ଼ାନାଚ, ଯାତ୍ରା କଳାକାର ୧୦ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ୨୦ ମହିଳା ଏସଏଚଜିଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରଘୁନାଥପୁର ବିଡିଓ ବିରଞ୍ଚି ନାରାୟଣ ବେହେରା, ସିଡିପିଓ ତୃପ୍ତିଲତା ମହାନ୍ତି, ବିଏସଏସସ୍ ଜ୍ୟୋତିର୍ମୟୀ ସ୍ୱାଇଁ, ବିପିସି ଶଶାଙ୍କ ଶେଖର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ‘ସମାଜ ପ୍ରତି ନାରାୟଣ ବୀରବରଙ୍କର ଅବଦାନ ପ୍ରେରଣାଦାୟୀ’

## କୁଜଙ୍ଗ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତି ପାଠାଗାର ଉଦ୍‌ଘାଟିତ

କୁଜଙ୍ଗ, ୧୩।୪(ମନୋଜ ପ୍ରଧାନ)

କୁଜଙ୍ଗ ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ନାରାୟଣ ବୀରବର ସାମନ୍ତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତି ପାଠାଗାର କୁଜଙ୍ଗ ଠାରେ ଉଦ୍‌ଘାଟିତ ହୋଇଯାଇଛି। କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉତ୍ସବ ରେ ପାରାଦୀପର ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବା ସହ ନାରାୟଣ ବୀରବର ସାମନ୍ତ ସ୍ମୃତି ପାଠାଗାରର ଉଦଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, କୁଜଙ୍ଗ ହେଉଛି ବହୁ ମହାନ ସାଧୁ, ସନ୍ଥ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗର ଭୂମି। ସେହି ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ନାରାୟଣ ବୀରବର ସାମନ୍ତ ଥିଲେ ଅନ୍ୟତମ। କୁଜଙ୍ଗ ଅଞ୍ଚଳରେ ତାଙ୍କୁ ସାଆନ୍ତେ ବୋଲି ଡକାଯାଉଥିଲା। ହଜାରିବାଗ ଜେଲରେ ଦେଶ ପାଇଁ କାରାବରଣ କଥା କୁହନ୍ତୁ କି ଲବଣ ସତ୍ୟାଗ୍ରହ ଅବା ଭୂଦାନ ଆନ୍ଦୋଳନ ସବୁଥିରେ ସେ ଆଗରେ ଥିଲେ।


ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥିମାନେ।

ବିଂଶଶତାବ୍ଦୀର ଶ୍ରେଷ୍ଠ ପୁରୁଷ ଓ କର୍ମଯୋଗୀ ଥିଲେ କୁଜଙ୍ଗ ଗାନ୍ଧୀ ନାରାୟଣ ବୀରବର ସାମନ୍ତ। ଆଜି ଯେଉଁ ପାରାଦୀପ ବନ୍ଦର ସମସ୍ତେ ଦେଖୁଛନ୍ତି ତା'ର ପରିକଳ୍ପନା ଠାରୁ ବାସ୍ତବ ରୂପ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟରେ ନାରାୟଣ ବୀରବର ସାମନ୍ତଙ୍କ ଅବଦାନ ଗୋଟିଏ ଅଭୁଲା ସ୍ମୃତି ହୋଇ କୁଜଙ୍ଗ ଇତିହାସର ସର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ସମାଜ ପ୍ରତି ତାଙ୍କ ଅବଦାନ ପ୍ରେରଣାଦାୟୀ ହୋଇ ରହିବ ବୋଲି ମନ୍ତ୍ରୀ ସମ୍ପଦ କହିଥିଲେ। ଏହି ଅବସରରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଭାଜପା ନେତା ରାଜକିଶୋର ବେହେରା, ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ଭାଜପା ନେତା ସତ୍ୟସାରଥୀ ମହାନ୍ତି , ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା , କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ଓ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଜନସାଧାରଣଙ୍କ ସମେତ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଯୁବ ବର୍ଗ, ମହିଳା, ଦଳୀୟ ନେତୃବର୍ଗମାନେ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ କୁଜଙ୍ଗ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବା ବେଳେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ପାଠାଗାର ପ୍ରତିଷ୍ଠା କରାଯାଇଛି।

# ବିଜେଡି କର୍ମକର୍ତ୍ତା ବୈଠକ, ପ୍ରଶିକ୍ଷଣ ଶିବିର

ରଘୁନାଥପୁର, ୧୩।୪(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ବିଜେଡି ପକ୍ଷରୁ ରବିବାର ଅପରାହ୍ନରେ ପୁରଣାଠାରେ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ ପୌରୋହିତ୍ୟ କରି ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ପୂର୍ବତନ ଆଇନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଦଳର ନୀତି ଆଦର୍ଶ ସମ୍ପର୍କରେ କହିବା ସହ ତୃଣମୂଳସ୍ତରରେ ଥିବା ଜନତାଙ୍କ ନିକଟତର ହୋଇ ସେମାନଙ୍କ ଦୁଃଖସୁଖରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କଟକ ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷ ସତ୍ୟ ଜେନା, ରଘୁନାଥପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ରଜତ ପାତ୍ର, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ.ସୁରେନ୍ଦ୍ରନାଥ ମହାପାତ୍ର, ଜିଲା ପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ତିର୍ତ୍ତୋଲ ବିଧାୟକ ବିଜେଡିରୁ ନିଲମ୍ବିତ ହେବାପରେ ପୂର୍ବତନ ମନ୍ତ୍ରୀ ଜେନା ଦଳୀୟ କର୍ମୀ ତଥା ସାଙ୍ଗଠାନିକ ଦାୟିତ୍ୱରେ ରହିବେ ବୋଲି ବ୍ଲକ ବିଜେଡି ସଭାପତି ତ୍ରିପାଠୀ ପ୍ରକାଶ କରିବା ପରେ କର୍ମୀଙ୍କ ମହଲରେ ଉତ୍ସାହ ଭରି ଉଠିଥିଲା।

# ବାଳିକାରେ ସ୍ୱାରୋ ଗ୍ରୁପ୍, ବାଳକରେ ଟାଇଗର ଗ୍ରୁପ୍ ଚାମ୍ପିୟନ

## ସିଏମ୍ ଟ୍ରଫି ଆନ୍ତଃ କ୍ଲବ, ଆନ୍ତଃ ଜିଲା ଖୋଖୋ ପ୍ରତିଯୋଗିତା

ଜଗତ୍‌ସିଂହପୁର, ୧୩।୪ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ନବକୃଷ୍ଣ ଚୌଧୁରୀ ଷ୍ଟାଡିଅମ ପରିସରରେ ୧୦ ତାରିଖରୁ ଆରମ୍ଭ ହୋଇଥିବା ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲା ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବାଳିକା ବିଭାଗରେ ସ୍ୱାରୋ ଗ୍ରୁପ ଚାମ୍ପିୟନ ଓ ଫ୍ଲେମିଙ୍ଗୋ ଗ୍ରୁପ ରନର୍ସ ଅପ୍ ହୋଇ ଟ୍ରଫି ହାସଲ କରିଛି। ସେହିପରି ବାଳକ ବିଭାଗରେ ଟାଇଗର ଗ୍ରୁପ ଚାମ୍ପିୟନ ହୋଇଥିବାବେଳେ ବୁଲ୍ ଗ୍ରୁପ ରନର୍ସ ଅପ୍ ଟ୍ରଫି ହାସଲ କରିଛି। ଉଦ୍‌ଯାପନୀ ଦିବସର ପ୍ରଥମ ପର୍ଯ୍ୟାୟ ପ୍ରାରମ୍ଭରେ ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁ ଓ ଜଗତ୍‌ସିଂହପୁର ତହସିଲଦାର ଅଜୟ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ। ଉଦଯାପନୀ ସଭାରେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଦୋଳଗୋବିନ୍ଦ ଦାଶ, ସଭ୍ୟ ସାଧୁ ଚରଣ ମହାନ୍ତି, ଖୋଖୋ ତାରକା ଭୁବନମୋହନ ଦାସ ଓ ଜିଲା କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ଅତିଥି ଭାବରେ ଯୋଗଦେଇ ଚାମ୍ପିଅନ ଓ ରନର୍ସ ଅପ ଦଳକୁ ପୁରସ୍କାର ସହ ପ୍ରମାଣପାତ୍ର ଦେଇଥିଲେ। ଶିକ୍ଷକ ଅମୂଲ୍ୟ ମିଶ୍ର ଅତିଥି ପରିଚୟ, ମଞ୍ଚ ପରିଚାଳନା କରିଥିଲେ। ଜିଲାର କ୍ରୀଡା ଶିକ୍ଷକମାନେ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରାୟ ୪୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।


ଖୋଖୋ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ବାଳିକା ବିଭାଗର ଖେଳାଳି।

# କୁଜଙ୍ଗ ମହୋତ୍ସବ ଓଡ଼ିଆ ସଂସ୍କୃତିର ପ୍ରତୀକ: ସମ୍ପଦ



ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟ ଅତିଥିମାନେ।

## କୁଜଙ୍ଗ ମହୋତ୍ସବ ଉଦ୍‌ଯାପିତ

କୁଜଙ୍ଗ, ୧୩।୪(ମନୋଜ ପ୍ରଧାନ)

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାକୁ କାଳଜୟୀ କରିବା ନିମନ୍ତେ ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ କୁଜଙ୍ଗ ମହୋତ୍ସବ ୨୦୨୬ ଉତ୍ସାହ ଓ ଉଦ୍ଦୀପନା ସହ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପାଞ୍ଚ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ଓଡ଼ିଶାର ସୁନାମଧନ୍ୟ ଗାୟକ, ଗାୟିକାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଲୋକନୃତ୍ୟ, ପଲ୍ଲୀଶ୍ରୀ ମେଳା ଓ ସ୍ଥାନୀୟ କଳା ସଂସ୍କୃତିର ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶୀ, ସମ୍ବଲପୁରୀ, ପାଇକ ଆଖଡ଼ା ସମେତ ସ୍ଥାନୀୟ ଲୋକନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ପଲ୍ଲୀଶ୍ରୀ ମେଳାରେ ୧୦୦ରୁ ଉର୍ଦ୍ଧ୍ୱ ଷ୍ଟଲ୍‌ରେ ହସ୍ତଶିଳ୍ପ, କୁଟୀର ଶିଳ୍ପ, ଘରୋଇ ଉତ୍ପାଦ ଓ ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ ହେବା ସହ ବିକ୍ରି ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଶିଳ୍ପ , ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ବୋଲି କହିଥିଲେ । ଏହା କେବଳ ଏକ ଉତ୍ସବ ନୁହେଁ ଏହା ସଂସ୍କୃତିର ସଂରକ୍ଷଣର ମଞ୍ଚ, ସମାଜର ଐକ୍ୟର ପ୍ରତୀକ, ଅଞ୍ଚଳର ପରିଚୟର ଗୌରବ ମଧ୍ୟ ଅଟେ। ଏହି ମହୋତ୍ସବ ପରସ୍ପର ମଧ୍ୟରେ ଏକତା ଓ ଭାଇଚାରାର ଅପୂର୍ବ ମିଳନର ପର୍ବ। କୁଜଙ୍ଗ ମହୋତ୍ସବ ଓଡ଼ିଆ ସଂସ୍କୃତିର ପ୍ରତୀକ। ଏହାର ଐତିହ୍ୟ, ଲୋକକଳା ଓ ପରମ୍ପରାକୁ ଜାତୀୟ ସ୍ତରକୁ ନେବା ନିମନ୍ତେ ମନ୍ତ୍ରୀ ସ୍ୱାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଉଦଯାପନୀ ଅବସରରେ ଜଗତସିଂହପୁରର ବିଧାୟକ ଅମରେନ୍ଦ୍ର ଦାସ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ନେତା ରାଜକିଶୋର ବେହେରା, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ନେତା ସତ୍ୟସାରଥୀ ମହାନ୍ତି, କଳ୍ପନା ସୂତାର, ଅତିରିକ୍ତ ଜିଲାପାଳ, ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କର ମୃତ୍ୟୁ
### ଗ୍ୟାସ୍ ଟାଙ୍କିରୁ ନିଆଁ ଲାଗି ୬ ଗୁରୁତର ଘଟଣା

**ନୟାଗଡ଼/ରଣପୁର,୧୩।୪ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)**

ଗ୍ୟାସ ଟାଙ୍କିରୁ ନିଆଁ ଲାଗି ଭୁବନେଶ୍ୱରର ଏମସ୍‌ରେ ଚିକିତ୍ସଧୀନ ଥିବା ୬ଜଣଙ୍କ ମଧ୍ୟରୁ ଗୀତାଞ୍ଜଳି ମହାନ୍ତି(୭୦)ଙ୍କର ସୋମବାର ମୃତ୍ୟୁ ହୋଇଯାଇଛି। ଗୀତାଞ୍ଜଳିଙ୍କର ଘର କଟକ ଜିଲାରେ। ପ୍ରକାଶ ଯେ, ରଣପୁର ଦାଣ୍ଡସାହିରେ ରବିବାର ରାତିରେ ସନ୍ତୋଷ ପ୍ରହରାଜଙ୍କ ବୋହୂ ବିଜୟଲକ୍ଷ୍ମୀ ରୋଷେଇ କରୁଥିବା ବେଳେ ଗ୍ୟାସ ଟାଙ୍କିରେ ନିଆଁ ଲାଗି ଯାଇଥିଲା। ଏଥିରେ ସନ୍ତୋଷ ପ୍ରହରାଜଙ୍କ ସମେତ ବୋହୂ ବିଜୟଲକ୍ଷ୍ମୀ, ପୁଅ ଲଳିତ, ଲଳିତଙ୍କ ଶାଶୁ ଗୀତାଞ୍ଜଳି, ଶାଳୀ ନୀତାଶ୍ରୀ ଓ ଘରେ କାମ କରୁଥିବା ଯୁବକ ଅଇଁଠା ବାରିକ ପ୍ରମୁଖ ଅର୍ଦ୍ଧଦଗ୍ଧ ହୋଇଥିଲେ ।

# ମେରୁ ପର୍ବ, କଣ୍ଟାରେ ଗଡ଼ିଲେ ଦଣ୍ଡୁଆ

**ଭାପୁର,୧୩।୪ ( ପ୍ରଭାତ ବରାଡ)**

ଭାପୁର ବ୍ଲକ ବିଜିପୁର, ପଦ୍ମାବତୀ, ଝଗଡପଡା, ଛେଳିଆ, ରାକମା, ଫତେଗଡ, ବାରବାଟୀ, ମାଳିବେରେଣୀ, ମାଧପୁର ଓ ଜାମୁସାହି ଗ୍ରାମରେ ଦଣ୍ଡପର୍ବ ଅନୁଷ୍ଠିତ ହୋଇଥାଏ। ସୋମବାର ମେରୁ ପର୍ବ ଅର୍ଥାତ ଦଣ୍ଡଯାତ୍ରାର ଶେଷଦିନ। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଥିଲା ଗାଁ ଦାଣ୍ଡ। ବିଭିନ୍ନ ସ୍ଥାନରେ ମେରୁ ଝାମୁ ଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଛି । ଦଣ୍ଡୁଆଙ୍କ ଦେହରେ କାଳସୀ ଉଭା ହୋଇଥିବା ଦେଖିବାକୁ ମିଳିଛି। ପାଟଦଣ୍ଡୁଆ ସହିତ ମାନସିକଧାରୀ ଦଣ୍ଡୁଆମାନେ ବିଷାକ୍ତ କଣ୍ଟା ଉପରେ ଗଡୁଥିବା ଦେଖିବାକୁ ମିଳିଥିଲା। ଭକ୍ତି ଓ ବିଶ୍ୱାସର ନିଆରା ଏହି ପର୍ବରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ବିଜିପୁର ପଞ୍ଚାୟତ ବିଜିପୁର ପାଟଣାସାହୀ ମା' କାଳିକାଙ୍କ ଦଣ୍ଡ ଚଳିତବର୍ଷ ଚଣ୍ଡୀପଡିଆରେ


ଦଣ୍ଡୁଆମାନେ କଣ୍ଟାରେ ଶୋଇ ଦଣ୍ଡ ପ୍ରଦର୍ଶନ କରୁଛନ୍ତି।

ଉଦୁଉଦିଆ ଖରାରେ ତତଲା ବାଲିରେ ଦଣ୍ଡୁଆମାନେ ବିଭିନ୍ନ ପ୍ରକାରର ଖେଳ ପ୍ରଦର୍ଶନ କରିଥିଲେ। ଏହାପରେ ପୂଜାର୍ଚ୍ଚନା ପରେ ଦଣ୍ଡ ଠାକୁର ଓ ମୁଖ୍ୟ କାଳେସୀ ବିଜୟ କୁମାର ପରିଡା, ବାବୁ ଦାଶ ଓ କାଳେସୀ ଜୟଦେବ ରାଉତ ଭଇଁଚ କଣ୍ଟା ଉପରେ ଚାଲିବା ପରେ ଅନ୍ୟ ଦଣ୍ଡୁଆମାନେ କଣ୍ଟାରେ ଗଡ଼ି ଗଡ଼ି ଯାଇଥିଲେ । ଏହାକୁ ଦେଖିବା ପାଇଁ ଶହଶହ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ଖରାକୁ ଦୃଷ୍ଟିରେ ରଖି ଗ୍ରାମବାସୀ ଦହି ପାଣି ପିଇବାକୁ ଶ୍ରଦ୍ଧାଳୁ ମାନଙ୍କୁ ଦେବାସହ ପାଣି ସ୍ପ୍ରେ କରିଥିଲେ।

ସେହିପରି ଫତେଗଡ ଗ୍ରାମରେ ମା' କାଳିକା ମନ୍ଦିରଠାରେ ବହୁ ଧୁମଧାମ ଏବଂ ମହା ଆଡମ୍ବର ସହିତ ପାଳିତ ହୋଇଛି କଣ୍ଟାଗଡା ଯାତ୍ରା । ସୂଚନା ଅନୁଯାଇ ଚୈତ୍ର ମାସରେ ଅନେକ ଜାଗାରେ ଝାମୁ ଯାତ୍ରା ଏବଂ କଣ୍ଟାଗଡା ଯାତ୍ରା ଅନୁଷ୍ଠିତ ହୋଇଥାଏ। କିନ୍ତୁ ଫତେଗଡ ଗ୍ରାମରେ କଣ୍ଟାଗଡା ଅଲଗା ଏବଂ ନିଆରା। ଏଠି ମା' କାଳୀକାଙ୍କ ପାଖରେ ମାନସିକ ଥିବା ଦଣ୍ଡୁଆ ଭକ୍ତମାନେ ମା'ଙ୍କ ପାଖରେ ନିଜ ଡାହାଣ ଜଙ୍ଘରୁ ରକ୍ତକୁ ବାହର ମା'ଙ୍କୁ ଭୋଗ ଆକାରରେ ସମର୍ପଣ କରିଥାନ୍ତି। ଫଳରେ ମାନସିକ ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଫତେଗଡ ଗ୍ରାମରେ ବେତ କଣ୍ଟାରେ ଦଣ୍ଡୁଆମାନେ ଗଡିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଫତେଗଡ ଗ୍ରାମର ଯୁବକ ସଂଘ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ସହିତ,ଥଣ୍ଡା ଦହି ପାଣିର ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ତଥା ବିଷୁବ ସଂକ୍ରାନ୍ତିରେ ଭାପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଝାମୁଯାତ୍ରା ହେବାପାଇଁ ପ୍ରସ୍ତୁତି ଜୋରଦାର ଚାଲିଥିବା ଦେଖିବାକୁ ମିଳିଛି।

## ହନୁମାନ ଜୟନ୍ତୀ ପାଇଁ କଳସ ଯାତ୍ରା

**ଖଣ୍ଡପଡା,୧୩।୪(ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ବଡବାଣପୁରୁ ପଞ୍ଚାୟତ ରାମଚଣ୍ଡୀ ସାହିସ୍ଥିତ ହନୁମାନ ମନ୍ଦିର ପରିସରରେ ହନୁମାନ ଜୟନ୍ତୀ ତଥା ପଣାସଂକ୍ରାନ୍ତି ଯାତ୍ରା ୩ ଦିନ ପ୍ରର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଅବସରରେ ସୋମବାର ଅଧିବାସ ପରିପେକ୍ଷୀରେ ଗ୍ରାମର ଶତାଧିକ ମହିଳା, ପୁରୁଷ ମହାନଦୀ ଘାଟରୁ ଏକ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ କଳସ ସ୍ଥାପନା କରିଥିଲେ । ସ୍ଥାନୀୟ ମହାବୀର ଭକ୍ତ ବୃନ୍ଦଙ୍କ ଆନୁକୂଲ୍ୟରେ ମଙ୍ଗଳବାରଠାରୁ ୩ ଦିନ ବ୍ୟାପୀ ବିଭିନ୍ନ ଅଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ସଭାପତି ଓ ସମ୍ପାଦକ ଯଥାକ୍ରମେ କୃତାର୍ଥ ପ୍ରଧାନ ଓ ପ୍ରଭାତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ନିକଟସ୍ଥ ଗୋପୀନାଥପୁରସ୍ଥିତ ସିଦ୍ଧ ମହାବୀର ଓ ଭାପୁର ବ୍ଲକ ଅଧିନ ପଥରଚକଡା ନୂଆସାହି ସ୍ଥିତ ହନୁମାନ ଜୀଉଙ୍କ ବାର୍ଷିକ ବିଗ୍ରହ ପ୍ରତିଷ୍ଠା ଉତ୍ସବ ନିମନ୍ତେ ସୋମବାର ଅଧିବାସ କର୍ମ ଅବସରରେ ନୀଳମାଧବ ପୀଠ ମହାନଦୀ ଘାଟରୁ ଜଳାଭାର ସଂଗ୍ରହ କରି ଏକ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ବେଦୀରେ କଳସଗୁଡିକୁ ସ୍ଥାପନ କରାଯାଇ ଅଧିବାସ କର୍ମ ଅନୁଷ୍ଠିତ ହୋଇଥିଲା ।

## ବେସରକାରୀ ଅଧ୍ୟାପକଙ୍କ ଅନୁଦାନ ସମ୍ପର୍କ ଅଭିଯାନ


ବାଚସ୍ପତିଙ୍କୁ ଦାବିପତ୍ର ଦିଆଯାଉଛି।

**ନୟାଗଡ଼,୧୩।୪(ଲୋକନାଥ ମିଶ୍ର)**

ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ତରଫରୁ ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ସମଗ୍ର ରାଜ୍ୟରେ ସୋମବାରଠାରୁ ଅନୁଦାନ ସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି । ଏ ଅବସରରେ ନୟାଗଡ଼ ଜିଲା ଶାଖା ତରଫରୁ ବାଚସ୍ପତି ତଥା ରଣପୁର ବିଧାୟିକାଙ୍କୁ ସାକ୍ଷାତ କରି ଦାବି ପୂରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁପାରିସ ପତ୍ର ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ। ପ୍ରକାଶ ଯେ,ବେସରକାରୀ ମହାବିଦ୍ୟାଳୟରେ ୨୦୦୮ ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ କର୍ମଚାରୀମାନଙ୍କୁ ଅନୁଦାନ ପ୍ରଦାନ ନିମନ୍ତେ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଂଘ ସହ ଆଲୋଚନା ହୋଇ ଶୀଘ୍ର ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ଅଧ୍ୟାପକମାନଙ୍କର ଦାବିକୁ ଅନୁଶୀଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏକ ଉଚ୍ଚସ୍ତରୀୟ କମିଟି ଘୋଷଣା କରିଥିଲେ। ଉକ୍ତ କମିଟି ସଂଘ ସହ ଦୁଇ ଥର ଆଲୋଚନା କରି ଶୀଘ୍ର ସୁପାରିସ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କମିଟି ଗଠନ ହେବାର ୪ ମାସ ଓ ସଂଘ ସହ ଆଲୋଚନାର ୨ ମାସ ଅତିକ୍ରାନ୍ତ ହୋଇ ସାରିଲାଣି। ଏଭଳିସ୍ଥଳେ ସଂଘ ନିଷ୍ପତ୍ତିକ୍ରମେ ଅନୁଦାନ ସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ଅଭିଯାନରେ ସଂଘର ନୟାଗଡ଼ ଜିଲା ସଂଯୋଜକ ଦେବାଶିଷ ମହାପାତ୍ରଙ୍କ ନେତୃତ୍ୱରେ ଜିଲାର ବ୍ୟବସ୍ଥା ପ୍ରମୁଖ ସୁଚିସ୍ମିତା ମିଶ୍ର,ବିଭିନ୍ନ ଖଣ୍ଡ ସଂଯୋଜକ ଜାନକୀ ବଲ୍ଲଭ ବଳିୟାରସିଂହ, ରିଙ୍କୁ କିଶୋର ସାହୁ, ସ୍ମୃତି ରଞ୍ଜନ ମାନସିଂଙ୍କ ସହ ବହୁ ଅଧ୍ୟାପକ କର୍ମଚାରୀ ଯୋଗଦେଇଥିଲେ ।

## ୨୪ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସୁସ୍ୱାଦୁ ବ୍ୟଞ୍ଜନ


ମେଳାରେ ଖାଦ୍ୟ ପ୍ରଦର୍ଶନ କରାଯାଉଛି।

**ଓଡ଼ଗାଁ, ୧୩।୪(ନାରାୟଣ ପାଣିଗ୍ରାହୀ)**

**ଓଡ଼ଗାଁ ବ୍ଲକ ପକ୍ଷରୁ ଓଡ଼ିଆ ପକ୍ଷ ପାଳିତ**

ଓଡ଼ଗାଁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଓଡ଼ିଆ ପକ୍ଷ ପାଳନ ହୋଇଯାଇଛି। ଏଥିରେ ୨୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦେଇ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ବିଭିନ୍ନ ପ୍ରକାରର ପିଠା ନିଜହାତରେ ପ୍ରସ୍ତୁତ କରି ପ୍ରଦର୍ଶିତ କରିବା ସହିତ ସମସ୍ତଙ୍କୁ ଖୁଆଇ ମନ ଜିଣିଥିଲେ। ବିଡିଓ ପ୍ରୀତିବାଳା ରଣା,ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା, ସବ ଇନ୍ସପେକ୍ଟର ଚକ୍ରଧର ସିଂ ଗୋଟିଏ ଷ୍ଟଲରୁ ଆଉ ଗୋଟିଏ ଷ୍ଟଲ ବୁଲିବୁଲି ପିଠାର ସ୍ୱାଦ ପରଖିଥିଲେ। ଏହି ମହିଳା ଗୋଷ୍ଠୀ ନିଜଘରେ ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତକରି ଜିଲା କାହିଁକି ବାହାରେ ମଧ୍ୟ ସୁନାମ ଆଣିଛନ୍ତି। ଏହି ପରମ୍ପରାକୁ ବଜାୟ ରଖିବାକୁ ଓ ପକ୍ଷ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀଙ୍କ ସମେତ ଅତିରିକ୍ତ ତହସିଲଦାର ଶ୍ରୀଜିନୁ, ସବ ଇନ୍ସପେକ୍ଟର ଚକ୍ରଧର ସିଂହ ଓ ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ। ଶେଷରେ ସମସ୍ତେ ମହାବିଷୁବ ସଂକ୍ରାନ୍ତି (ପଣା ସଂକ୍ରାନ୍ତି) ଉପଲକ୍ଷେ ପଣାର ଆୟୋଜନ କରାଯାଇଥିଲା। ଏଥିରେ ବିପିଏମ ସୁରଜ ବେହେରା,ମିଶନ ଶକ୍ତିର ମୃତ୍ୟୁଞ୍ଜୟ ବେହେରା ଓ ସମୀର ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମେରୁ, ଦଣ୍ଡଯାତ୍ରା ଉଦ୍‌ଯାପିତ

**ଖଣ୍ଡପଡ଼ା,୧୩।୪ (ଅଜୟ କୁମାର ମହାରଣା)**

୨୧ଦିନ ବ୍ୟାପୀ ଚାଲିଥିବା ଦଣ୍ଡପର୍ବର ସୋମବାର ଥିଲା ଅନ୍ତିମ ଦିବସ । ଏହି ଅବସରରେ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ଦଣ୍ଡପର୍ବର ଶେଷ ଦିବସ ମେରୁଯାତ୍ରା ଉଦ୍‌ଯାପିତ ଯାଇଯାଇଛି । ବିଶେଷତଃ ଶୈବପୀଠ ନିକଟ ଯଜ୍ଞକୁଣ୍ଡ ଉପରେ ପ୍ରସ୍ତୁତ ଏକ ଅରଟିରେ ପାଟଭକ୍ତାର ଗୋଡ଼କୁ ବନ୍ଧା ଯାଇ ସଂପୃକ୍ତ ଭକ୍ତା ଜଳନ୍ତା ଯଜ୍ଞକୁଣ୍ଡ ଉପରେ ତଳକୁ ମୁହଁ କରି ରହିବା ଦୃଶ୍ୟ ଉପସ୍ଥିତ ଶ୍ରଦ୍ଧାଳୁ ଓ ଦର୍ଶକମାନଙ୍କୁ ଦଣ୍ଡପର୍ବର ସାଧନା ଓ ବିଶ୍ୱାସ ସମ୍ପର୍କରେ ପ୍ରଭାବ ପକାଇଥାଏ। ଏଥିପାଇଁ ଚୈତ୍ରମାସର ମାହାତ୍ମ୍ୟ ଅବର୍ଣ୍ଣନୀୟ । ନିଷ୍ଠାପର ସାଧନା, କଠିନ ଉପାସନା ଓ ପ୍ରଗାଢ଼ ଭକ୍ତି ଓ ଶୁଦ୍ଧପୁତ ଜୀବନଚର୍ଯ୍ୟା ପାଇଁ ଏହି ମାସରେ ଦଣ୍ଡ ଉପାସନା ଏକ ମୁଖ୍ୟ ପର୍ବ । ଚୈତ୍ରମାସର ପ୍ରଚଣ୍ଡ ଖରାକୁ ଖାତିର ନ କରି ଶୈବପୀଠଗୁଡିକରେ ତତଲା ଧୂଳିର ଧୂଳି ଦଣ୍ଡ ହିଁ ମାନସିକଧାରୀ ଦଣ୍ଡୁଆମାନଙ୍କ ମହାନ୍ ଦୀକ୍ଷାର ପରିଚୟ ଦିଏ । ଦଣ୍ଡପର୍ବର ସମସ୍ତ କଠିନ ନୀତି ନିୟମକୁ ଆପଣେଇ ନେଇ ଗୋଟିଏ ବେଳା ନିର୍ଜନତାରେ ସେବନ କରି ଏବଂ ଅଗ୍ନି



ଦଣ୍ଡଧରି ଦିନସାରାର ଅକ୍ଲାନ୍ତ ମାନସିକତା ବାସ୍ତବିକ ଅନନ୍ୟ ଭକ୍ତିର ନିଦର୍ଶନ ।

କଣ୍ଟିଲୋ ଅଞ୍ଚଳର କପିଳେଶ୍ୱର, କୃଷ୍ଣେଶ୍ୱର, ବଟେଶ୍ୱର, ଚୈତନ୍ୟ ଦେବ ଓ ନୀଳକଣ୍ଠେଶ୍ୱର ଦେବ ଆଦି ମହାଦେବଙ୍କ ଦଣ୍ଡଯାତ୍ରା ପାରମ୍ପରିକ ରୀତିରେ ଆରମ୍ଭ ହୋଇ ଉପାସନାର ଶେଷ ଦିନ ଅର୍ଥାତ୍ ମେରୁପର୍ବ ପାଳିତ ହୋଇଯାଇଛି । ଏହି ଅବସରରେ ଭକ୍ତାମାନେ ଧୂଳିଦଣ୍ଡ ଓ ପାଣିଦଣ୍ଡ ଖେଳ ସାରିବା ପରେ ଠାକୁରଙ୍କୁ ଗ୍ରାମ ବିଜେ କରାଇ ଗ୍ରାମ ଚାଟେରୀ ଭୋଗ ଖାଇଥିଲେ । ପରେ ଦଣ୍ଡ ଠାକୁରଙ୍କ କୋଠି ନିକଟରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ହୋମକୁଣ୍ଡ ଉପରେ କାଷ୍ଠ ନିର୍ମିତ ଅରଟି ଦୋଳି ପ୍ରସ୍ତୁତ କରି ରଖାଯାଇଥିବା ବେଳେ ହୋମକୁଣ୍ଡରେ ନିଆଁରେ ଦଣ୍ଡୁଆମାନେ ଝୁଣା ମାରିବା ସମୟରେ ପାଟଭକ୍ତା ଅରଟିରେ ବସି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ । ମଙ୍ଗଳବାର ଦଣ୍ଡ ଠାକୁର ୧ ବର୍ଷ ପର୍ଯ୍ୟନ୍ତ କୋଠିରେ ଗୋପନ ବାସ କରିବେ । ଏହି ଅବସରରେ ଖଣ୍ଡପଡ଼ା, ରାଣୀପଡ଼ା, କଣ୍ଟିଲୋ, ବେଣାଗାଡ଼ିଆ, ମର୍ଦ୍ଦରାଜପୁର, ଖଳିସାହି, ବାଣପୁର, କୋଷକା, ସିଧାମୂଳା, କୁମ୍ଭାରପଡ଼ା, ଡୋଳମାରା ଓ ଜଗନ୍ନାଥପ୍ରସାଦ ଆଦି ଅଞ୍ଚଳରେ ଦଣ୍ଡ ଉତ୍ସବ ପାଳିତ ହୋଇଯାଇଛି।

## ଓଡ଼ଗାଁ ଅଣ୍ଡର ୨୦ କ୍ରିକେଟ : ଦେଓଗାଁ ସେମିରେ


ଅତିଥିଙ୍କ ସହ ଖେଳାଳି ।

**ଓଡ଼ଗାଁ, ୧୩।୪(ନାରାୟଣ ପାଣିଗ୍ରାହୀ)**

ଓଡ଼ଗାଁ ମିନି ଷ୍ଟାଡିୟମ୍‌ଠାରେ ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ଚାଲିଥିବା ପ୍ରଥମ ଅଣ୍ଡର ୨୦ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ମ୍ୟାଚରେ ମଶାବାରୀକୁ ହରାଇ ଦେଓଗାଁ ଦଳ ସେମିରେ ପ୍ରବେଶ କରିଛି। ଦେଓଗାଁ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରିଥିଲା। ଜବାବରେ ମଶାବାରୀ ଦଳ ସେହି ନିର୍ଦ୍ଧାରିତ ୧୨ ଓଭର ଖେଳି ୬ ଉଇକେଟ ବିନିମୟରେ ମାତ୍ର ୭୫ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ବିଜେତା ଦଳର ଖେଳାଳୀ ରିତିକ ୨୨ ବଲରୁ ୪୭ ରନ ସଂଗ୍ରହକରି ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ଖେଳରେ ରଘୁନାଥ ଆଥଲେଟିକ ଆସୋସିଏଶନର ଭେଟେରାନ ଖେଳାଳି ଉମାକାନ୍ତ ମହାପାତ୍ର ଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ରଙ୍ଗଣିପାଟଣା ସହିତ ଓଡ଼ଗାଁ (ଖ)ମଧ୍ୟରେ ଖେଳ ଅନୁଷ୍ଠିତ ହେବବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଖେଳକୁ ରାମେଶ୍ୱର, ସୁନୀଲ,ଆରୀୟାନ, ରାଜଶେଖର, ସୌମ୍ୟରଞ୍ଜନ,ସାଇ, ବିକାଶ ଓ ଲିଟି ପରିଚାଳନା କରିଥିଲେ।

## ଡୋଳମରା ହଟ୍ଟକେଶ୍ୱର ମହାଦେବଙ୍କ ୧୦୮ ପାଟଦଣ୍ଡ



**ଖଣ୍ଡପଡା,୧୩।୪(ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ଡୋଳମରା ହଟ୍ଟକେଶ୍ୱର ମହାଦେବ ଜୀଉ କାମନା ଠାକୁରଙ୍କ କୋଠିର ୧୦୮ ପାଟଦଣ୍ଡ ମହୋତ୍ସବ ସୋମବାର ପାଳିତ ହୋଇଯାଇଛି । ଡୋଳମରା ପଞ୍ଚାୟତ ଅଧିନ ସମସ୍ତ ମୌଜାର ଶତାଧିକ ମାନସିକ ବ୍ରତଧାରୀ ଦଣ୍ଡୁଆମାନେ ଅପରାହ୍ନ ପ୍ରାୟ ୩.୩୦ଟାରେ ନିକଟସ୍ଥ ପୁଷ୍କରିଣୀରେ ସ୍ନାନ ପୂଜା ସମ୍ପନ୍ନ କରି କାମନା ଗୋସାଇଁ ଓ ବାବା ହଟ୍ଟକେଶ୍ୱର ମନ୍ଦିର ବେଢ଼ା ପରିକ୍ରମା କରି ଠାକୁରଙ୍କୁ ଗ୍ରାମ ବିଜେ କରାଇ ପ୍ରତି ଦ୍ୱାରରେ ପୂଜା ପାଇଥିଲେ । ଗ୍ରାମବାସୀ ଦାଣ୍ଡ ରାସ୍ତା ପରିଷ୍କାର କରି ଗୋବରରେ ଲିପାପୋଛା କରିଥିଲେ । ପ୍ରତି ଦ୍ୱାରରେ ଦୀପ, କଳସ ଓ କଦଳୀ ଗଛ ବସାଇବା ସହ ଠାକୁରଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । ଦଣ୍ଡୁଆମାନଙ୍କ 'କଳା ରୁଦ୍ରମଣି ଭଜେ, କାଶୀ ବିଶ୍ୱନାଥ, କୈଳାସ କନ୍ଦରୁ ଯୋଗ ନିଦ୍ରା ଭାଙ୍ଗିବାକୁ ଆଜ୍ଞା ହେଉ ହେ ମଣିମା' ଡାକରେ ତଥା ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁମାନଙ୍କ ହରିବୋଲ ହୁଳହୁଳି ଶବ୍ଦ ପରିବେଶକୁ ଅଧିକ ମନୋଜ୍ଞ ଓ ସରସ ସୁନ୍ଦର କରିଥିଲା । ଆୟୋଜିତ ଆଜିର କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ମୁକୁତା ପରିଡା ଓ ଗ୍ରାମବାସୀଙ୍କ ସହ ଯୋଗରେ ପରିଚାଳନା କରାଯାଇଥିଲା ।

# ଖଣ୍ଡପଡ଼ା ବ୍ଲକସ୍ତରୀୟ ଖାଦ୍ୟ ମେଳା

**ଖଣ୍ଡପଡା, ୧୩।୪(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଶିଖରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଓ ବ୍ଲକ ପ୍ରଶାସନର ସହଯୋଗରେ ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ,ଏସ୍‌ଡିପିଓ ମଦନ ମୋହନ ପ୍ରଧାନ,ଏମ୍‌ପିଙ୍କ ଖଣ୍ଡପଡା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିଖରପୁର ସରପଞ୍ଚ କିରଣବାଳା ସାହୁ ଓ ପୂର୍ବତନ ସରପଞ୍ଚ ନବ କିଶୋର ସାହୁ


ବ୍ଲକସ୍ତରୀୟ ମେଳାରେ ଖାଦ୍ୟ ପ୍ରଦର୍ଶନ।

କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏ ଅବସରରେ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ରୁଚି ସମ୍ପନ୍ନ ବିଭିନ୍ନ ଓଡିଆ ଖାଦ୍ୟ ସାମଗ୍ରୀ ଗୁଡ଼ିକ ଏକାଧିକ ଷ୍ଟଲ ଜରିଆରେ ପ୍ରଦର୍ଶିତ ହୋଇଥିଲା। ବିଦେଶୀ ଖାଦ୍ୟ ସାମଗ୍ରୀକୁ ବର୍ଜନ କରି ସ୍ୱଦେଶୀ ଖାଦ୍ୟ ସାମଗ୍ରୀ ଉପରେ ସଂପୂର୍ଣ୍ଣ ନିର୍ଭର କରି ନିରୋଗ ରହିବା ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ସେହିପରି ଅତିଥିମାନେ ବିଭିନ୍ନ ଷ୍ଟଲ ପରିଦର୍ଶନ କରି ଓଡ଼ିଆ ଖାଦ୍ୟର ରୁଚି ପରଖିବା ସହ ଖାଦ୍ୟ ପ୍ରସ୍ତୁତ କରି ଶ୍ରେଷ୍ଠ ବିବେଚିତ ହୋଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ୪୫ ଗ୍ୟାସ୍ ସିଲିଣ୍ଡର ଜବତ

**ନୟାଗଡ଼/ଓଡଗାଁ,୧୩।୪(ଲୋକନାଥ ମିଶ୍ର/ନାରାୟଣ ପାଣିଗ୍ରାହୀ)**

ନୟାଗଡ଼ ଜିଲା ଓଡଗାଁ ଆଦର୍ଶ ଥାନାର କୁରାଳ ପାଇକେରାସାହି ଓ ବେଙ୍ଗେଇ ସାହି ଉପରେ ଚଢ଼ାଉ କରି ୪୩ ଘରୋଇ ଓ ୨ଟି ବ୍ୟବସାୟ ଭିତ୍ତିକ ଏପରି ମୋଟରେ ୪୫ ଗ୍ୟାସ ସିଲିଣ୍ଡର ଜବତ ହୋଇଛି। କୁରାଳ ପାଇକେରାସାହିର ଜ୍ୟୋତି ରଞ୍ଜନ ସାହୁଙ୍କ ଘରୁ ୩୫ଟି ଘରୋଇ ସିଲିଣ୍ଡର, ବେଙ୍ଗେଇସାହିର ଶିବ ଶଙ୍କର ପୃଷ୍ଟିଙ୍କ ଘରୁ ୮ଟି ଘରୋଇ ସିଲିଣ୍ଡର ଓ ୨ଟି ବ୍ୟବସାୟ ଭିତ୍ତିକ ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି। ଚଢ଼ାଉରେ ଓଡ଼ଗାଁ ପୋଲିସ ସମେତ ଓଡ଼ଗାଁ ବିଡିଓ ପ୍ରୀତିବାଳା ରଣା, ଯୋଗାଣ ନିରୀକ୍ଷକ ମଳୟ ମେହେର, ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ, ଓଡଗାଁ ଥାନା ସବ୍ ଇନ୍ସପେକ୍ଟର ଚକ୍ରଧର ସିଂଙ୍କ ପ୍ରମୁଖ ସାମିଲ ଥିଲେ।

## ଓଡ଼ିଆ ପକ୍ଷ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ

**ନୂଆଗାଁ,୧୩।୪(ଧନେଶ୍ୱର ସାହୁ )**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍‌ରେ ଓଡ଼ିଆ ପକ୍ଷ ଦିବସ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପାରମ୍ପରିକ ଖାଦ୍ୟକୁ ନେଇ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସୋମବାର ପାଳିତ ହୋଇଯାଇଛି। ଏପ୍ରିଲ ୧୦ଠାରୁ ୧୪ ତାରିଖ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ସମୟକୁ ଓଡ଼ିଆ ପକ୍ଷ ଭାବେ ସାରା ରାଜ୍ୟରେ ପାଳନ କରାଯାଉଛି । ଓଡ଼ିଆ ପକ୍ଷ ପାଳନ ଅବସରରେ ବିଭିନ୍ନ ଓଡ଼ିଆ ପାରମ୍ପରିକେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେହି କ୍ରମରେ ପାରମ୍ପରିକ ଖାଦ୍ୟକୁ ନେଇ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ଲକ୍‌ର ୧୫ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତକରି ଆଣିଥିବା ବେଳେ ଏଠାରେ ବିଭିନ୍ନ ଷ୍ଟଲ ଦ୍ୱାରା ପିଠା ଗୁଡ଼ିକ ପ୍ରଦର୍ଶନ କରିବା ସହ ବିକ୍ରି କରିଥିଲେ। ଅତିଥିମାନେ ବିଭିନ୍ନ ଷ୍ଟଲ୍ ବୁଲି ପିଠାର ସ୍ୱାଦ ଚାଖିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ଗ୍ରୁପ୍‌କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନୟାଗଡ଼ ଜିଲାପାଳ ମଧୁମିତା ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏସ୍‌ପି ଏସ୍. ସୁଶ୍ରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତି ରଞ୍ଜନ ସାମନ୍ତରାୟ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ଅମୃତ କୁମାର ରାଉଳ ଓ ତହସିଲଦାର ହେମନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଆମେ ହଜିଯାଉଥିବା ପାରମ୍ପରିକ ପିଠାର ସ୍ୱାଦ ଫେରିପାଉଛେ। ତେଣୁ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ଜିଲାପାଳ ରଥ କହିଥିଲେ ।

## ଖୋଲିଲା ପାନୀୟଜଳ ଯୋଗାଣ କେନ୍ଦ୍ର

**ଦଶପଲ୍ଲା, ୧୩।୪ (ପ୍ରକାଶ କୁମାର ପାଣି)**

ଦଶପଲ୍ଲା ଏନ୍‌ଏସିର ଅନେକ ସ୍ଥାନରେ ସୋମବାର ଜଳ ଛତ୍ର ଖୋଲିଲା। ଗ୍ରୀଷ୍ମ ପ୍ରକୋପ ଧୀରେ ଧୀରେ ବୃଦ୍ଧି ହେବା ସହ ଜଳ ସଙ୍କଟ ବହୁ ମାତ୍ରାରେ ଦେଖାଦେଲାଣି। ପ୍ରତିଦିନ ଅନେକ ଲୋକ ଦଶପଲ୍ଲା ଏନ୍‌ଏସି, ବ୍ଲକ ତଥା ତହସିଲକୁ ଆସିଥାନ୍ତି। ପିଇବା ପାଣି ପାଇଁ ଯିବା ଆସିବା କରୁଥିବା ଜନସାଧାରଣ ହଇରାଣ ହେଉଥିଲେ। ଏଥିଯୋଗୁ ଦଶପଲ୍ଲା ଏନ୍‌ଏସି ପକ୍ଷରୁ ୬ ଟି ସ୍ଥାନରେ ଜଳ ଛତ୍ର ବ୍ୟବସ୍ଥା କରାଯାଇଛି। ଏହି ୬ଗୋଟି ସ୍ଥାନ ଯଥା ତ୍ରିନାଥ ବଜାର, ବ୍ଲକ ସାମ୍ନା, ଜନଗହଳି ସ୍ଥାନ ଦୁର୍ଗା ବଜାର, ଏନଏସି ସାମ୍ନା, ପିଙ୍କିଛକ ଏବଂ ଅନ୍ଧରକୋଟ ଛକଠାରେ ପାନୀୟ ଜଳ ଯୋଗାଣ କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି। ଏ ଅବସରରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶନୀ ଓ କାଉନସିଲର ସନୋଜ ସାହୁ ସମେତ ବହୁ କାଉନସିଲର, ଏନଏସିର ସମସ୍ତ କର୍ମଚାରୀଙ୍କ ସହିତ ଜନସାଧାରଣ ଉପସ୍ଥିତ ଥିଲେ।

# ପିଏମଶ୍ରୀ ନାରାୟଣ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ

**ଶରଣକୁଳ,୧୩।୪(ଦୀପକ କର)**

ଶରଣକୁଳ ପିଏମଶ୍ରୀ ନାରାୟଣ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ସୋମବାର ପାଳିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଚଳିତ ବର୍ଷ ଏହି ଉତ୍ସବ ଛାତ୍ରୀଛାତ୍ରଙ୍କ ଶିକ୍ଷା, କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦିଗରେ ପିଏମ୍ ଶ୍ରୀ ବିଦ୍ୟାଳୟ ସହାୟକ ହେବ ବୋଲି ମୁଖ୍ୟ ଅତିଥି କହିଥିଲେ। ମୁଖ୍ୟବକ୍ତା ଭାବେ ଶରଣକୁଳ ଜୋନ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପଞ୍ଚସଖା ସେତୁ ସଂଗଠନ



କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢୀ ଓ ଅନ୍ୟ ଅତିଥିମାନେ ।

ସଭାପତି ବିକ୍ରମ କୁମାର ଦାଶ, ଜିଲା ଶାରିରିକ ଶିକ୍ଷା ଅଧିକାରୀ ଅନିଲ କୁମାର ଦାଶ, ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନ ସଭା ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ନୟାଗଡ଼ ଜିଲାପାଳ ମଧୁମିତା ରଥ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡଗାଁ ବିଡିଓ ପ୍ରୀତି ବାଳା ରଣା, ତହସିଲଦାର ମାନସ କୁମାର ଭୋଇ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ହରିହରପୁର ସରପଞ୍ଚ ବିଳାସିନୀ ଦେଇ, ବିଦ୍ୟାଳୟ ସଭାପତି ମାନସ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ପରେ ସମସ୍ତ ଅତିଥିଗଣ ନିଜ ନିଜ ବକ୍ତବ୍ୟ ରଖିଥିଲେ। ପରେ ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବର ଦୁଇଟିଯାକ ଅଧିବେଶନରେ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ଓ ଗୋଦାବରୀ ବସନ୍ତିଆ ମଞ୍ଚ ପରିଚାଳନା ସହ ସଂଯୋଜନା କରିଥିଲେ । ପରିଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ପରେ ମୁଖ୍ୟ ଅତିଥି କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉତ୍ସବର ସଫଳ ରୂପାୟନ ପାଇଁ ସହଯୋଗ କରିଥିଲେ ।

# ବାଲିପଡ଼ା ଗାଁ ଲୋକଙ୍କ ଏବେ ନାଳପାଣି ଭରସା

## ପାନୀୟ ଜଳର ଉତ୍କଟ ଅଭାବ

**କାଳିଆପାଣି, ୧୩।୪ (ଅସିତ ମହାନ୍ତ):**

ଯାଜପୁର ଜିଲାର ସୁକିନ୍ଦା ଖଣି ଅଞ୍ଚଳରେ ଏବେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଦେଇଛି। ସୁକିନ୍ଦା ବ୍ଲକ କଂସ ପଞ୍ଚାୟତ ବାଲିପଡ଼ା ଗ୍ରାମବାସୀ ନାଳ ଉପରେ ଭରସା କରୁଥିବା ଦେଖିବାକୁ ମିଳିଛି। ଏ ଅଞ୍ଚଳରେ ସାଧାରଣତଃ ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ନଳକୂପଗୁଡିକରୁ ବିଷାକ୍ତ କ୍ରୋମିୟମ ମିଶା ପାଣି ବାହାରୁଥିବାରୁ ପ୍ରଶାସନ ପକ୍ଷରୁ ଏସବୁକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଛି। ଏଥିରୁ ନିର୍ଗତ ଜଳ ବ୍ୟବହାର ଅନୁପଯୋଗୀ ବୋଲି ପ୍ରଦୂଷଣ ବିଭାଗ ପକ୍ଷରୁ ଦର୍ଶାଯାଇଛି। ଏହାକୁ ଲକ୍ଷ୍ୟ ରଖି ସ୍ଥାନୀୟ ନେତାଙ୍କ ପରାମର୍ଶକ୍ରମେ କାର୍ଯ୍ୟ କରୁଥିବା ଖଣି କର୍ତ୍ତୃପକ୍ଷ ପାନୀୟ ଜଳ ଯୋଗାଣ


ବାଲିପଡ଼ା ଗାଁର ମହିଳାମାନେ ନାଳରୁ ପିଇବା ଲାଗି ପାଣି ଆଣୁଛନ୍ତି।

କରୁଛନ୍ତି। ଏହି ଯୋଗାଣ ଜଳ ଲୋକଙ୍କ ନିକଟରେ ପହଞ୍ଚିଲା ବେଳକୁ ସମୁଦ୍ରକୁ ଶଙ୍ଖେ। ଗ୍ରୀଷ୍ମଋତୁ ଆରମ୍ଭରୁ ଅନେକ ଗ୍ରାମ, ପଡା, ସାହିରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛ।

ସୂଚନା ଅନୁଯାୟୀ ପାହାଡ଼ ପାଦଦେଶରେ ବାଲିପଡ଼ା ଗାଁର ଲୋକମାନେ ପାଣି ପାଇଁ ୨ କିଲୋମିଟର ଚାଲିକି ଯାଇ ନାଳରୁ ପାଣି ଆଣି ବ୍ୟବହାର କରୁଥିବା କହିଛନ୍ତି। ବହୁବାର ଗ୍ରାମବାସୀଙ୍କ ପକ୍ଷରୁ ବ୍ଲକ ପ୍ରଶାସନକୁ ଦାବି ଜଣାଇଥିଲେ ବି କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଡହଡହ ଖରାରେ ଜଙ୍ଗଲିଆ ରାସ୍ତାରେ ଚାଲିଚାଲି ପାଣି ଆଣିବା ଛଡ଼ା ସେମାନଙ୍କ ପାଇଁ ବିକଳ୍ପ କିଛି ନାହିଁ ବୋଲି ପ୍ରକାଶ କରିଛନ୍ତି। ଗମନାଗମନ ପାଇଁ ଗାଁକୁ କଂକ୍ରିଟ ରାସ୍ତାଟିଏ ଏବେ ପର୍ଯ୍ୟନ୍ତ ହୋଇ ନ ଥିବା ବେଳେ ଆଗାମୀ ଦିନରେ ଗ୍ରାମବାସୀ ଗରା, ମାଠିଆ ଧରି ଟମକା-ମଙ୍ଗଳପୁର ରାସ୍ତା ଅବରୋଧ କରିବେ ବୋଲି ସିନଗୋ ମାରାଣ୍ଡି, ସୋନିଆ ମୁର୍ମୁ, ମାଳତୀ ମାରାଣ୍ଡି, ଫୁଲ ହାଁସଦା, ରେବତୀ ଲୋହାର, ଚମ୍ପା ଲୋହାର, ଦୁଲି ମାରାଣ୍ଡି, ଫୁଲ ହେମ୍ବ୍ରମ, ରାଇମଣି ସୋରେନ, ଯମୁନା ହାଁସଦା, ସୁକୁରୁମୁନି ହାଁସଦା, ପମା ମୁର୍ମୁ, ପାଗ୍ଲା ମୁର୍ମୁ, ପାନ ମୁର୍ମୁ, ସମ୍ବାରୀ ଲୋହାର, ଫୁଲମଣି ହାଁସଦା, ଜବା ହାଁସଦା, ସୁରି ମାରାଣ୍ଡି ପ୍ରମୁଖ ଗଣମାଧ୍ୟମ ଆଗରେ କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ ସୁକିନ୍ଦା ବିଡିଓ ପ୍ରଜ୍ଞା ପାରମିତା ପୃଷ୍ଟିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅମରେନ୍ଦ୍ର


@ ମାନସ


@ ଶିବ


@ ଶାନ୍ତିଲତା


@ ମୁକେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖରସ୍ରୋତା ଅନ୍ତଃନଦୀ ଜଳସଂରକ୍ଷଣ ଆଶା ଉଜ୍ଜୀବିତ

## ମୃତ୍ତିକା ପରୀକ୍ଷା, ଭୂମି ପୂଜନ ଅନୁଷ୍ଠିତ

**ଯାଜପୁର, ୧୩।୪ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀର ଶାଖା ଖରସ୍ରୋତା ନଦୀର ମଧୁସୂଦନପୁର ବଗମରାଠାରେ ଆନ୍ତଃନଦୀ ଜଳସଂରକ୍ଷଣ ଯୋଜନା କାର୍ଯ୍ୟକାରୀ ହେବାର ଆଶା ଉଜ୍ଜୀବିତ ହୋଇଛି। ଏହି ଯୋଜନାରେ ସମ୍ପୃକ୍ତ ଅଧିକାରୀମାନେ ଏଠାକୁ ଆସି ମାଟି ପରୀକ୍ଷା ନିମନ୍ତେ ପଦକ୍ଷେପ ନେଇଛନ୍ତି। ଏଠାରୁ ବାହାରିଥିବା ଶାଖା କାଣୀନଦୀ ବହୁଦିନରୁ ଅବଲୁପ୍ତ ଅବସ୍ଥାକୁ ଚାଲି ଆସିଥିଲା। ଫଳରେ ବହୁ ହଜାର ଚାଷୀ ଖରାଦିନିଆ ଫସଲ ଓ ରବିଫସଲ ବହୁଦିନରୁ ଛାଡି ଦେଇଥିଲେ। ଏ ଅଞ୍ଚଳରୁ ଅର୍ଥକାରୀ ଫସଲ ଉତ୍ପାଦିତ ନହୋଇ ପାରିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଥିଲେ। ଦୀର୍ଘ ୧୦ ବର୍ଷ ଧରି ଚାଷୀମାନଙ୍କ ପକ୍ଷରୁ ଦାବି କରାଯାଉଥିଲେ ହେଁ ସରକାର ନୀରବଦ୍ରଷ୍ଟା ସାଜିଥିଲେ। କାଣୀ


ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଖରସ୍ରୋତା ବଞ୍ଚାଅ ଆନ୍ଦୋଳନ ନାମରେ ଏକ କମିଟି କରାଯାଇ ବିଭିନ୍ନ ସମୟରେ ଆନ୍ଦୋଳନ ହେବା ଫଳରେ ସରକାରଙ୍କ ପକ୍ଷରୁ ଏଠାରେ ଆନ୍ତଃନଦୀ ଜଳସଂରକ୍ଷଣ ଯୋଜନା ଆରମ୍ଭ କରିବାକୁ ପଦକ୍ଷେପ ନେଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଧରିତ୍ରୀରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଛି। ସରକାରୀ ଅଧିକାରୀମାନେ ପ୍ରଥମ କରି ରବିବାର ଏଠାକୁ ଆସି ଅନୁଧ୍ୟାନ କରିବା ସହ ମୃତ୍ତିକା ପରୀକ୍ଷଣ ଓ ଭୂମି ପୂଜନ କରିଛନ୍ତି। ସେମାନଙ୍କୁ ଏହି ଆନ୍ଦୋଳନର କର୍ମକର୍ତ୍ତା ଆଦରମଣୀ ସାମଲ, ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ସାମଲ, ପୂର୍ବତନ ସରପଞ୍ଚ ଅଟଳବିହାରୀ ନାୟକ, ବିଭୂତିଭୂଷଣ ଦାସ, ବସନ୍ତକୁମାର ମଲ୍ଲିକ, ଗଣେଶ ପ୍ରସାଦ ଦାସ, ପବିତ୍ର ବଳ, ଶିବପ୍ରସାଦ ଧଳ, ଧର୍ମେନ୍ଦ୍ର ସାମଲ, ମୀନକେତନ ସାହୁ, ମମତା ବଳ, ସସ୍ମିତା ସାହୁ, ଜାନକୀଲତା ସାହୁ ପ୍ରମୁଖ ଭେଟି ସ୍ୱାଗତ୍ କରିବା ସହ ଯଥାଶୀଘ୍ର ଏହି ପ୍ରକଳ୍ପକୁ ସାରିବା ନିମନ୍ତେ ଅନୁରୋଧ କରିଥିଲେ।

# ନାବାଳିକା ମୃତ ଶିଶୁ ଜନ୍ମଦେବା ମାମଲା: ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ପାଣିକୋଇଲି, ୧୩।୪ (ବିକାଶ ଚନ୍ଦ୍ର ମଲ୍ଲିକ)**

ଯାଜପୁର ଜିଲା ପାଣିକୋଇଲି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବିବାହକରି ଗର୍ଭବତୀ କରିବା ସହ ମୃତ ଶିଶୁ ଜନ୍ମଦେବା ମାମଲାରେ ଅଭିଯୁକ୍ତ ପାଣିକୋଇଲି ପାଟସାହିର ଦଶରଥ ମୁଣ୍ଡା (୧୮)ଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ୧୫ ବର୍ଷୀୟା ନାବାଳିକା ଯାଜପୁର ମେଡିକାଲରେ ମୃତ ସନ୍ତାନ ଜନ୍ମ ଦେଇ ଚିକିତ୍ସିତ ଅବସ୍ଥାରେ ଅଛନ୍ତି। ପାଣିକୋଇଲି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ସୌଦାମିନୀ ସାହୁ, ସୁପରଭାଇଜର ଜରିଆରେ ସିଡିପିଓଙ୍କୁ ଲିଖିତ ଭାବେ ଜଣାଇବା ପରେ ସିଡିପିଓ ଶାନ୍ତିଲତା ବେହ୍ରା ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ଫେରାର ଥିଲେ। ପାଣିକୋଇଲି ପାଟସାହିର ଦଶରଥ ସ୍ଥାନୀୟ ଜଣେ ନାବଳିକାଙ୍କୁ ପ୍ରେମ ବିବାହ କରି ଆଣି ଘରେ ରଖିଥିଲେ। ୨୦୨୬ ଜାନୁଆରୀ ୧୩ରେ ଅଳତିରି ଅଙ୍ଗନୱାଡି କେନ୍ଦ୍ରରେ ଇଞ୍ଜେକସନ ନେଇଥିବାବେଳେ ଫେବୃଆରୀ ୩ରେ ନାବାଳିକା ଗର୍ଭବତୀ ହୋଇ ଇଞ୍ଜେକସନ ନେବାକୁ ଅଙ୍ଗନୱାଡି କେନ୍ଦ୍ରକୁ ଆସିବାରୁ ଜନ୍ମ ତାରିଖରୁ ଘଟଣା ଜଣାପଡ଼ିଥିଲା। ହେଲେ ଏ ଦିଗରେ ସମସ୍ତେ ଚୁପ ରହିଥିଲେ। ନାବଳିକାଙ୍କ ମୃତ ସନ୍ତାନ ଜନ୍ମ ହେବା ପରେ ପୋଲିସ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତାଙ୍କ ବୟାନ ରେକର୍ଡ କରିଥିଲା। ଏ ନେଇ ପୋଲିସ ନଂ. ୧୧୭/୨୬ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଏବେ ଦଶରଥ ଧରାପଡିବା ପରେ ତାଙ୍କୁ ଗିରଫକରି ସୋମବାର କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ସବ୍‌ଇନ୍ସପେକ୍ଟର ସୁମିତ କୁଜୁର ପ୍ରକାଶ କରିଛନ୍ତ।



କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତ ଦଶରଥ ମୁଣ୍ଡା।

# ସାତଲୁଣ୍ଡା କ୍ରିକେଟ କ୍ଲବ ଚାମ୍ପିୟନ

**ବଡ଼ଚଣା, ୧୩।୪ (ଦିଲୀପ କୁମାର ମହାନ୍ତି):** ବଡ଼ଚଣା ବ୍ଲକ ବନ୍ତଳା ଗ୍ରାମରେ ରବିବାର ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ରାତ୍ରିକାଳୀନ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଗ୍ରାମରୁ ୧୬ କ୍ରିକେଟ କ୍ଲବ ଯୋଗଦେଇଥିଲେ। ଶେଷରେ କଡ଼ାଇ କ୍ରିକେଟ କ୍ଲବ ଏବଂ ସାତଲୁଣ୍ଡା କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ନିର୍ଦ୍ଧାରିତ ୫ ଓଭରରେ କଡ଼ାଇ ୫୫ ରନ କରିଥିବା ବେଳେ ସାତଲୁଣ୍ଡା ୫୬ ରନ କରି ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବନ୍ତଳା ପଞ୍ଚାୟତ ସମିତିସଭ୍ୟ ସୌମ୍ୟରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ପ୍ରତାପ ରାଉତରାୟ ଓ ପ୍ରଫୁଲ୍ଲ ବେହେରା ଯୋଗଦେଇ ଚାମ୍ପିୟନ ଦଳ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଫ୍ରେଣ୍ଡସ କ୍ଲବ ପକ୍ଷରୁ ପ୍ରସନ୍ନଜିତ ରାଉତରାୟ, ମହେଶ୍ୱ ରାଉତରାୟ, ହରେକୃଷ୍ଣ ମହାରଣା, ବିଭୂତି ଭୂଷଣ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।


ଅତିଥି ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

# ଅଖିଳଚକ୍ର ବିଷୁବ ସମ୍ମାନ ପାଇଁ ଚୟନ

**ଯାଜପୁର, ୧୩।୪ (ହର୍ଷବର୍ଦ୍ଧନ ବେହେରା):** ଅଖିଳଚକ୍ର ପକ୍ଷରୁ ଅରିଲୋ ଶାମେଶ୍ୱର ପୀଠରେ ପ୍ରତିବର୍ଷ ଭଳି ଏବର୍ଷ ବିଷୁବ ମିଳନ ଓ କବି ସମ୍ମିଳନୀର ଆୟୋଜନ କରାଯାଉଛି। ଏଥିପାଇଁ ଶାମେଶ୍ୱର ଆଞ୍ଚଳିକ ଉନ୍ନୟନ ପରିଷଦ ସହଯୋଗିତାରେ ଏକ ଆଭ୍ୟର୍ଥନା କମିଟି ଗଠନ କରାଯାଇଛି। ଚଳିତ ବର୍ଷ ବରିଷ୍ଠ କବି ବୀଣାପାଣି ସାମଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ବହୁଭାଷାରେ ଅନୁଦିତ ତଥା ବିଶିଷ୍ଟ କବି ମନୋରଞ୍ଜନ ସାହୁଙ୍କୁ ଆସନ୍ତା ୨୮ ତାରିଖ ସ୍ୱାଭିମାନ ଦିବସରେ ଶାମେଶ୍ୱର ପୀଠରେ ସମ୍ମାନିତ କରାଯିବାକୁ ଅନୁଷ୍ଠାନର ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ର ଓ ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା ସୂଚନା ଦେଇଛନ୍ତି। ଏହି ପୀଠରେ ଅଖିଳଚକ୍ର ସହଯୋଗରେ ନିର୍ମିତ ଭାରତମାତା ପ୍ରତିମୂର୍ତ୍ତି ପୂଜନ ଓ କବିତାପାଠୋତ୍ସବ ଅନୁଷ୍ଠିତ ହେବ।

# ପାଳଟପୁର ଟାଇଟନ କ୍ରିକେଟ କ୍ଲବ ଚାମ୍ପିୟନ

## କିଶୋରଲାଲ ଜୀଉ କ୍ରିକେଟ ଟୁର୍ନାମେଣ୍ଟ

**ଦଶରଥପୁର, ୧୩।୪ (ସୁଶାନ୍ତ କୁମାର ବେହୁରିଆ)**

ଦଶରଥପୁର ବ୍ଲକ ଅଧୀନ ଥାଲକୁଡ଼ିସ୍ଥିତ ପ୍ରଗତି କଲୋନୀ ପଡିଆରେ ଅନୁଷ୍ଠିତ ଏକ ଦିବସୀୟ ଦିବାରାତ୍ରି କିଶୋରଲାଲ ଜୀଉ କ୍ରିକେଟ ଟୁର୍ନାମେଣ୍ଟ ରବିବାର ବିଳମ୍ବିତ ରାତ୍ରିରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଖବରଦାତା ସୁଶାନ୍ତ କୁମାର ବେହୁରିଆ ଫିତାକାଟି ଉଦ୍‌ଘାଟନ କରିଥିଲେ। ୧୨ ଟିମକୁ ନେଇ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ସାଇ ଇଲେଭେନ କ୍ରିକେଟ କ୍ଲବ ସହିତ ପାଳଟପୁର ଟାଇଟନ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମୁକାବିଲା ହୋଇଥିଲା। ସାଇ ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩ ଓଭରରେ ୫ ଉଇକେଟ ହରାଇ ୨୫ ରନ ସଂଗ୍ରହ କରିଥିଲା। ଜବାବରେ ପାଳଟପୁର ଟାଇଟନ ୨ ଓଭର ୨ ଟି ବଲରେ ୨୬ ରନ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସୋମନାଥ ନାୟକ ଓ ମୁଖବକ୍ତା ଭାବେ ଖବରଦାତା ବେହୁରିଆ ଓ ସମ୍ମାନିତ ଅତିଥି ଭାବେ ପ୍ରତାପ ମଲ୍ଲିକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଟିମ୍‌କୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରିଥିଲେ। ଖେଳକୁ ପରିଚାଳନା କରିବାରେ କିଶୋରଲାଲ ଜୀଉ କ୍ରିକେଟ କ୍ଲବର କର୍ମକର୍ତ୍ତା ପ୍ରତାପ ରାୟ, ଅମରେଶ ଘଡ଼ାଇ, କିରଣ ରାଉତଙ୍କ ସମେତ ତପୁଆ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ପ୍ରଭୁ ନାରାୟଣ ଗୋସାଇଁ ମନ୍ଦିରରେ ରହିବେ ୪ଦିନ

## ଆଜିଠାରୁ ଐତିହାସିକ ସିଂହାପୁର ଯାତ୍ରା

**ରସୁଲପୁର, ୧୩।୪ (ରଞ୍ଜିତ ରାଉତ)**

ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳର ଐତିହାସିକ ସିଂହାପୁର ଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହେବ। ବିଧି ମୁତାବକ ପୂର୍ବବର୍ଷ ଭଳି ଚଳିତବର୍ଷ ପଣା ସଂକ୍ରାନ୍ତି ମାହେନ୍ଦ୍ର ମୂହୂର୍ତ୍ତରେ ପ୍ରଭୁ ନାରାୟଣ ଗୋସାଇଁ ସ୍ଥଳଦେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ଏହି ପରମ୍ପରା ରାଜାରାଜୁଡା ଅମଳରୁ ପାଳିତ ହୋଇଆସୁଛି। ପ୍ରଭୁ ନାରାୟଣ ଗୋସାଇଁ ମଧୁତୀର୍ଥ ପୁଷ୍କରଣୀ ଜଳରୁ ବାହାରକୁ ଆସି ୩ ଦିନ ଧରି ସ୍ଥଳଦେଶ ମନ୍ଦିରରେ ପୂଜା ପାଆନ୍ତି। ପ୍ରଭୁଙ୍କ ବିରଳ ଦୃଶ୍ୟକୁ ନାନା ବେଶରେ ଦର୍ଶନାର୍ଥେ ଲକ୍ଷାଧିକ ଭକ୍ତଙ୍କର ଭିଡ ଜମିଥାଏ। ଏହି ପୂଜାବିଧିରେ ପରିବର୍ତ୍ତନ ଘଟିଛି। ମଧୁପୁର ଗଡଜାତ ରାଜପରିବାର ଦାୟଦ, ଜିଲା ଓ ବ୍ଲକ ପ୍ରଶାସନ ଉପସ୍ଥିତିରେ ଯାତ୍ରାକୁ ଜାରି ରହିଥିବା ଅଘୋଷିତ ନିଷ୍ପତ୍ତି ଉପରେ ମୋହର ଲଗାଯାଇଛି। ଶତାଧିକ ବର୍ଷ ଧରି ପ୍ରଭୁଙ୍କ ସ୍ଥଳ ବିଜେ ଯାତ୍ରା ଅବଧିକୁ ୩ଦିନ ବଦଳରେ ୪ଦିନ ବଢାଇ ଦିଆଯାଇଛି। ସ୍ଥାନୀୟ ଅଞ୍ଚଳର ସହଯୋଗୀ ଗ୍ରାମର ଜନସାଧାରଣଙ୍କ ଉପସ୍ଥିତିରେ ଜନଶୁଣାଣି


ମଧୁତୀର୍ଥ ପୁଷ୍କରିଣୀ।


ପ୍ରଭୁ ନାରାୟଣ ଗୋସାଇଁଙ୍କ ମନ୍ଦିରକୁ ରଙ୍ଗ କରାଯାଉଛି।

କରାଯାଇ ଏଭଳି ନିଷ୍ପତ୍ତି ନିଆଯାଇଛି। ହେଲେ ବିଗତ ୫ବର୍ଷରୁ ଉର୍ଦ୍ଧ୍ୱ ହେଲା ଏହି ଯାତ୍ରାକୁ ଅଘୋଷିତ ଭାବରେ ୩ଦିନ ବଦଳରେ ୫ଦିନ ପାଳନ କରାଯାଉଥିଲା। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଅସ୍ଥାୟୀ କମିଟି ପକ୍ଷରୁ ଏଭଳି ପରମ୍ପରା ବିରୋଧୀ ନିଷ୍ପତ୍ତିକୁ ରାଜପରିବାର ପକ୍ଷରୁ ନାପସନ୍ଦ କରାଯାଉଥିଲା। ଏସବୁ ସତ୍ତ୍ୱେ ଯାତ୍ରାକୁ ବ୍ୟବସାୟୀକରଣ କରିବା ଉଦ୍ଦେଶ୍ୟରେ ଏଭଳି କରାଯାଉଥିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ହୋଇଆସୁଥିଲା। ପ୍ରଶାସନ ପକ୍ଷରୁ ଯାତ୍ରା ପାଇଁ ୩ ଦିନ ପାଇଁ ଅନୁମତି ପ୍ରଦାନ କରାଯାଉଥିଲା। ୩ୟ ଦିନରେ ପ୍ରଭୁ ନାରାୟଣ ଗୋସାଇଁ ମଧୁତୀର୍ଥ ଜଳ ଗର୍ଭକୁ ପ୍ରବେଶ କରୁଥିଲେ। ଠାକୁର ଜଳଶୟନ କରିବା ପରେ ଭକ୍ତମାନଙ୍କ ଭିଡ କମି ଯାଉଥିଲା। ଭକ୍ତମାନଙ୍କୁ ବାନ୍ଧି ରଖିବା ଲକ୍ଷ୍ୟ ନେଇ ଭକ୍ତ ଓ ଅସ୍ଥାୟୀ କମିଟିର କାର୍ଯ୍ୟକର୍ତ୍ତାମାନେ ରାଜପରିବାର ନିକଟରେ ଗୁହାରୀ କରିଥିଲେ। ସେମାନଙ୍କ ଅନୁରୋଧକୁ ରକ୍ଷା କରି ରବିବାର ଅପରାହ୍ନରେ ସ୍ଥାନୀୟ ଅଞ୍ଚଳରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଜନଶୁଣାଣି ଜରିଆରେ ଯାତ୍ରା ଅବଧିକୁ ୩ଦିନ ବଦଳରେ ୪ଦିନକୁ ବଢାଇ ଦିଆଯାଇଛି। ରସୁଲପୁର ତହସିଲଦାର ସିଦ୍ଧାର୍ଥ କୁମାର ବେହେରା, ଯାଜପୁର ଏସଡିପିଓ ଶରତ ଚନ୍ଦ୍ର ପାତ୍ର, କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ, ଅସ୍ଥାୟୀ କମିଟି କାର୍ଯ୍ୟକାରୀ ସଭାପତି ଭୀଷ୍ମ ପ୍ରସାଦ ରଥଙ୍କ ସମେତ ସିଂହାପୁର, ଓଡ଼ିଶୋ, କଲଣ ଆଦି ପଞ୍ଚାୟତର ଜନପ୍ରତିନିଧି, ରାଜପରିବାର ପକ୍ଷରୁ ଅପର୍ଣ୍ଣା ଧିର ସିଂ ଭରଦ୍ୱାଜ, ରାଜ ପୁରୋହିତ, ମନ୍ଦିର ପୂଜକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମୁରବୀମାନେ ଜନଶୁଣାଣିରେ ସାମିଲ ହୋଇ ଏଭଳି ନିଷ୍ପତ୍ତି ନେଇଥିଲେ। ଦୀର୍ଘବର୍ଷରୁ ପରମ୍ପରାକୁ ବଦଳାଇ ଦିଆଯାଇ ଯାତ୍ରା ଅବଧିକୁ ବଢାଇ ଦିଆଯିବା ଘଟଣାକୁ ନେଇ ବିଭିନ୍ନ ମହଲରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି।

ସୂଚନାଯୋଗ୍ୟ, ମଧୁପୁର ଗଡଜାତ ରାଜାଙ୍କ କୂଳ ଦେବତା ପ୍ରଭୁ ନାରାୟଣ ଗୋସାଇଁ ସିଂହାପୁର ଗ୍ରାମରେ ପୂଜା ପାଉଥିଲେ। ବିଧର୍ମୀ କଳାପାହାଡ଼ ରାଜୁତି ସମୟରେ ମଠ ମନ୍ଦିର ଉପରେ ଆକ୍ରମଣ କରାଯାଇ ଲୁଣ୍ଠନ କରାଯାଉଥିଲା। ସେମାନଙ୍କ କବଳରୁ ରକ୍ଷା କରିବା ପାଇଁ ରାଜା ପ୍ରଭୁଙ୍କୁ ମନ୍ଦିର ନିକଟସ୍ଥ ପୁଷ୍କରଣୀରେ ଲୁଚାଇ ରଖିଥିଲେ। ସେବେଠାରୁ ପୁଷ୍କରଣୀ ନାମ ମଧୁତୀର୍ଥ ରଖାଯାଇ ଆସୁଛି। ପ୍ରତିବର୍ଷ ପ୍ରଭୁଙ୍କ ମୁଗୁନି ପ୍ରସ୍ତରର ମୂର୍ତ୍ତିକୁ ପଣା ସଂକ୍ରାନ୍ତିରେ ଭକ୍ତମାନଙ୍କ ଦ୍ୱାରା ଜଳ ମଧ୍ୟରୁ ସ୍ଥଳ ଦେଶକୁ ଅଣାଯାଇ ୩ଦିନ ପାଇଁ ପୂଜା କରାଯିବାର ବିଧିକୁ ପାଳନ କରାଯାଏ। ପୂଜା କାର୍ଯ୍ୟକୁ ରାଜପରିବାର ଦ୍ୱାରା ପରିଚାଳନା କରାଯାଇଥାଏ।

# ସୁନାବେଶରେ ଝଲସିବେ ମା' ରାମଚଣ୍ଡୀ

**ମହାକାଳପଡ଼ା,୧୩।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ପୂର୍ବ ଉପକୂଳ ଐତିହାସିକ ଜମ୍ବୁ ଦ୍ୱୀପ ଇଲାକାର ବଙ୍ଗୋପସାଗର ତଟରେ ମା' ଦରିଆରାଣୀ ଭାବେ ପରିଚିତ ମା' ରାମଚଣ୍ଡୀ ବିରାଜିତ। କାହିଁ କେଉଁ ଅନାଦି କାଳରୁ ମା' ଦଣ୍ଡାୟମାନ। କିମ୍ବଦନ୍ତୀ ଅନୁସାରେ ୧୭୩୭ ମସିହାରେ ଘଞ୍ଚ ଜଙ୍ଗଲରେ ମା'ଙ୍କ ମନ୍ଦିର ନିର୍ମାଣ କରିଥିଲେ କୁଜଙ୍ଗର ତତ୍କାଳୀନ ଷଣ୍ଡ ବଂଶୀୟ ରାଜା। ସେବେ ଠାରୁ ମା' ରାମଚଣ୍ଡୀ କୁଜଙ୍ଗର ଅଧିଷ୍ଠାତ୍ରୀ ଦେବୀ ରୂପେ ଦିବ୍ୟମାନ। ମା'ଙ୍କ ପୀଠରେ ବାର ପୁନେଇଁ ତେର ଯାତ ଅନୁଷ୍ଠିତ ହେଉଛି। ମୁଖ୍ୟତଃ ଝାମୁଯାତ୍ରା। ବୈଶାଖ ମାସ ପ୍ରଥମ ମହାବିଷୁବ ସଂକ୍ରାନ୍ତି ଦିନ ଝାମୁଯାତ ଅନୁଷ୍ଠିତ ହୋଇଥାଏ। ରାତି ୪.୩୦ରେ ମା'ଙ୍କ ଦ୍ୱାର ଫିଟା ପରେ ମା'ଙ୍କ ମହାସ୍ନାନ

## ଉନ୍ମୋଚନ ହେବ 'ମା ଦରିଆ ରାଣୀ' ପୁସ୍ତକ

ମାଜଣା କରାଯାଏ। ମା'ଙ୍କୁ ବିଭିନ୍ନ ପାଟ ବସ୍ତ୍ର ପରିଧାନ କରାଯାଇ ଅଳଙ୍କାରରେ ଆଭୂଷଣ କରାଯାଏ। ପରେ ମା'ଙ୍କ ଦୈନନ୍ଦିକ ନିତିଆନି ଭୋଗ ଲାଗି ହୁଏ। ମୁଖ୍ୟତଃ ପଣା ଭୋଗ ମା'ଙ୍କୁ ସମର୍ପଣ କରାଯାଇଥାଏ। ମଧ୍ୟାହ୍ନ ଧୂପ ପରେ କ୍ଷୀରି, ଖେଚୁଡ଼ି, ଅନ୍ନ, ଡାଲମା, ବେସର, ମହୁର ଓ ଅନ୍ୟାନ୍ୟ ମୁଖ୍ୟ ପ୍ରସାଦ ଆମିଷ ଭୋଗ ଲାଗି କରାଯାଏ। ପରେ ଅପରାହ୍ନ ଗୋଟାଏରେ ହୁରିଆ ସେବକ ସେବାୟତମାନେ ସଂକୀର୍ତ୍ତନ ମଣ୍ଡଳୀ ଘଣ୍ଟ ଘଣ୍ଟା ବାଦ୍ୟ ବାଦନରେ ଏକ ସୁସଜ୍ଜିତ ଦୋଳ ବିମାନରେ ମା'ଙ୍କ ଚଳନ୍ତି ପ୍ରତିମା



ମା' ରାମଚଣ୍ଡୀ।

ମନ୍ଦିର ଚାରି ପାଖେ ୭ ଥର ପରିକ୍ରମା କରନ୍ତି। ପରେ ମନ୍ଦିର ସମ୍ମୁଖରେ ମା'ଙ୍କ ବିମାନ ଅବସ୍ଥାନ କରାଯାଏ। ସମ୍ମୁଖରେ ରାଉଳ ସମ୍ପ୍ରଦାୟ ସେବକ ସେବାୟତମାନେ ମସ୍ତକ ଉପରେ ମା'ଙ୍କ ଘଟ ପାଟ ରଖି ରଡ ନିଆଁରେ ସାତ ଥର ଖାଲି ପାଦରେ ପରିକ୍ରମା ବିଧି ରହିଛି। ସନ୍ଧ୍ୟାର ମା' ଆଳତି ପରେ ରାତି ଦଶଟାରେ ବଡ ସିଂହାର ବେଶ ହୋଇ ଶୟନ ପରେ ପହଡ଼ ପଡ଼େ ବୋଲି ମୁଖ୍ୟ ଯୁବ ସେବାୟତ ସୌଭାଗ୍ୟ କୁମାର ସାମନ୍ତରାୟ କହିଛନ୍ତି। ମା'ଙ୍କ ପୀଠରେ ମା' ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ 'ମା ଦରିଆ ରାଣୀ' ନାମକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ରହିଛି। ଏହି ମେଳା ୭ ଦିନ ଧରି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଟ୍ରଷ୍ଟି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ନାବାଳିକାଙ୍କୁ ଗର୍ଭବତୀ ଅଭିଯୋଗରେ ଯୁବକ ଗିରଫ

ରାଜକନିକା,୧୩।୪(ସଞ୍ଜୟ କୁମାର ଦାଶ): ଜଣେ ନାବାଳିକା ସହିତ ପ୍ରେମ ସମ୍ପର୍କ ରଖି ବିବାହ ପ୍ରଲୋଭନ ଦେଖାଇ ଦୁଇମାସର ଗର୍ଭବତୀ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ସୋମବାର ରାଜକନିକା ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି । ସେ ହେଲେ ମଙ୍ଗରାଜ ମଳିକ ।

ନାବାଳିକା ମା'ଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ରାଜକନିକା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହିତ ମଙ୍ଗରାଜ ଦୀର୍ଘ ଦିନଧରି ପ୍ରେମ ସମ୍ପର୍କ ରଖି ବାହା ହେବାର ପ୍ରଲୋଭନ ଦେଖାଇଥିଲେ। ଆମ ଅଜଣାରେ ନାବାଳିକାଙ୍କ ସହ ଅନୈତିକ ସମ୍ପର୍କ ରଖିଥିବାରୁ ସେ ଏବେ ୨ ମାସର ଗର୍ଭବତୀ ଥିବା ଜଣାପଡିଛି। ଅଭିଯୋଗ ଆଧାରରେ ନଂ. ୨୦୦/୨୬ରେ ସୋମବାର ରାଜକନିକା ପୋଲିସ କାଲିଆଙ୍କୁ ଗିରଫପରେ କୋର୍ଟ ଚାଲାଣ କରିଛି । ତେବେ ନାବାଳିକାକୁ ସିଡବ୍ଲ୍ୟୁସିକୁ ପଠାଇଥିବା ଜଣାପଡିଛି ।

# ଇରାନ୍‌ରୁ ଆସିଲା ଅଶୋଧିତ ତୈଳବାହୀ ଜାହାଜ



ପାରାଦୀପର ଏସ୍‌ପିଏମ୍ ବର୍ଥରେ ଲାଗିଥିବା ଅଶୋଧିତ ତୈଳବାହୀ ଜାହାଜ।

**ପାରାଦୀପ,୧୩।୪(ଶରତ ରାଉତ)**

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିରତି ମଧ୍ୟରେ ଇରାନର ଖାର୍ଗ ଦ୍ୱୀପରୁ ଏକ ବୃହତ୍ ତୈଳବାହୀ ଜାହାଜ ଆସି ସୋମବାର ଅପରାହ୍ନରେ ପାରାଦୀପରେ ପହଞ୍ଚିଛି। ଭେରି ଲାର୍ଜ କ୍ରୁଡ କ୍ୟାରିଅର ମେରାଇନ୍ ଟ୍ୟାଙ୍କର (ଭିଏଲ୍‌ସିସି ଏମ୍‌ଟି) ଜୟା ନାମକ ଜାହାଜରେ ୨,୭୭,୩୨୧ ମେଟ୍ରିକ ଟନ୍ (ଏମ୍‌ଟି) ଅଶୋଧିତ ତୈଳ ଆସିଛି। ଅପରାହ୍ନ ୩ଟା ୧୮ରେ ଜାହାଜ ବନ୍ଦରର ସିଙ୍ଗଲ ପଏଣ୍ଟ ମୋରିଂସିଷ୍ଟମ(ଏସ୍‌ପିଏମ)ବର୍ଥରେ ଲାଗିବା ପରେ ତୈଳ ଅପସାରଣ ହୋଇଛି।

ଏହାର ଆମଦାନିକାରୀ ହେଲା

### ଆଇଓସିଏଲ୍ ଆଣିଛି ୨,୭୭,୩୨୧ ଏମ୍‌ଟି ତୈଳ

ଭାରତୀୟ ତୈଳ ନିଗମ(ଆଇଓସିଏଲ୍)। ଉକ୍ତ ଜାହାଜ ସମ୍ପର୍କରେ ପାରାଦୀପ ବନ୍ଦର ତା'ର ଅଫିସିଆଲ ସୋସିଆଲ ମିଡିଆରେ ସୂଚନା ଦେଇଛି। ଏହା ଭାରତର ଶକ୍ତିକ୍ଷେତ୍ରକୁ ସହାୟକ ହେବ ବୋଲି କୁହାଯାଇଛି। ଉକ୍ତ ଏମ୍‌ଟି ଜୟା ଜାହାଜ ଖାର୍ଗ ଦ୍ୱୀପରୁ ଯୁଦ୍ଧର ପୂର୍ବ ଦିନ ଫେବୃଆରୀ ୨୭ରୁ ବାହାରିଥିଲା। ଯୁଦ୍ଧ ଯୋଗୁ ଏହା ଇରାନ୍‌ର ହର୍ମୁଜ ପାଖରେ ଅଟକିଥିଲା। ଅନେକ କଟକଣା ମଧ୍ୟରେ ଜାହାଜଟି ୪୧ ଦିନ ପରେ ପାରାଦୀପରେ ଆସି ପହଞ୍ଚିଛି।

ସୂଚନାଯୋଗ୍ୟ, ଏସ୍‌ପିଏମ ବର୍ଥ ହେଉଛି ବନ୍ଦର ପୋତାଶ୍ରୟଠାରୁ ୨୦ କିମି ଦୂର ସମୁଦ୍ରର ଭାସମାନ ବର୍ଥ। ଉକ୍ତ ବର୍ଥରେ କେବଳ ବୃହତ୍ ଅଶୋଧିତ ତୈଳ ଜାହାଜ ଲାଗିଥାଏ। ସେଠାରୁ ଆଇଓସିଏଲ୍ ପାଇପ୍ ଲାଇନ୍‌ରେ ବିଭିନ୍ନ ତୈଳ ବିଶୋଧନାଗାରକୁ ପଠାଇଥାଏ। ଆମେରିକା, ଇରାନ ଓ ଇସ୍ରାଏଲ୍ ଯୁଦ୍ଧ ବିରତି ସମୟ ମଧ୍ୟରେ ଉକ୍ତ ଜାହାଜ ପାରାଦୀପ ଆସିଛି। ଏବେ ଉକ୍ତ ୩ ଦେଶ ମଧ୍ୟରେ ଆଲୋଚନା ବିଫଳ ହେବା ପରେ ପୁଣି ତେଲ ଯୋଗାଣ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ସନ୍ଦେହ

ରାଜନଗର,୧୩।୪(ଭାସ୍କର ରାଉତରାୟ):କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ବ୍ରାହ୍ମଣସାହି ଗାଁରେ ରବିବାର ପ୍ରଥମ ଅଂଶୁଘାତ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଗାଈ ପାଳି ନେଇ ଯାଇଥିବା ବୃଦ୍ଧ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ଖୋଜାଖୋଜି କରି ବିଲ ମଧ୍ୟରେ ବୃଦ୍ଧ ମରି ପଡିଥିବା ଦେଖିଥିଲେ । ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ଯୋଗୁ ବୃଦ୍ଧଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି । ବ୍ରାହ୍ମଣସାହି ଗାଁରେ ଅଧିକାଂଶ ପରିବାରରେ ଗାଈ,ବଳଦ ରହିଛି । ଗାଁରେ ପାଳି କରି ଗାଈ ଚରାଇବାକୁ ନେଇଥାନ୍ତି। ରବିବାରର ଏହି ଗାଁର ନିରଞ୍ଜନ ଜେନା (୬୫) ପ୍ରାୟ ୧୫୦ରୁ ଅଧିକ ଗାଈ, ବଳଦ ନେଇ ବିଲକୁ ଚରାଇବାକୁ ଯାଇଥିଲେ। ସକାଳ ୮ ଟାରେ ଗାଈ ପାଳି ନେଇ ଗାଁ ଠାରୁ ପ୍ରାୟ ୧ କି.ମି. ବିଲ ମଧ୍ୟକୁ ଯାଇଥିଲେ। ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁ ଘରେ ମଧ୍ୟ ରହି ହେଉନଥିଲା । ନିରଞ୍ଜନ ଗାଈ ପାଳି ନେଇ ଯାଇଥିବା ବିଲ ମଧ୍ୟରେ ଛାଇ ଜାଗାରେ ବସିବା ପାଇଁ ଗଛଟିଏ ମଧ୍ୟ ନ ଥିଲା । ପ୍ରଚଣ୍ଡ ଖରାରେ ଗାଈ ଚରାଉଥିବା ଅବସ୍ଥାରେ ସେ ଟଳି ପଡିଥିବା ଗ୍ରାମବାସୀ କହିଛନ୍ତ। ଗାଈ ପାଳି ଅପରହ୍ନେ ୩ ଟାରେ ଘରକୁ ଫେରିଥିଲେ ମଧ୍ୟ ନିରଞ୍ଜନ ଫେରିନଥିଲେ।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ଡେରାବିଶ, ୧୩।୪(ବେବର୍ତ୍ତା ଅଜୟ ଦାସ): ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ବେଲରପା ଗ୍ରାମର ସୁନାକର ମିଶ୍ରଙ୍କ ବଡ଼ପୁଅ ବିଶ୍ୱଜିତ(୨୫) ଶନିବାର ଏକ ଦୁର୍ଘଟଣାର ଶିକାର ହୋଇ ଚିକିତ୍ସିତ ହେଉଥିବା ବେଳେ ସୋମବାର ପ୍ରତ୍ୟୁଷରୁ ମୃତ୍ୟୁ ଘଟିଛି। ବିଶ୍ୱଜିତ ଜଣେ ଗଡରେଜ କାରିଗର ଭାବେ ଜଗତସିଂହପୁରରେ ରହି କାମ କରୁଥିଲେ । ଶନିବାର ରାତ୍ରି ଭୋଜନ ପାଇଁ ସେ ଏକ ଢାବାକୁ ଯାଉଥିବା ବେଳେ ଏକ ହାଇୱା ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ବିଶ୍ୱଜିତଙ୍କୁ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।



## କାର୍-ବାଇକ୍ ମୁହାଁମୁହିଁ ଧକ୍କା, ୨ ବାଇକ୍ ଆରୋହୀ ଆହତ

ରାଜକନିକା,୧୩।୪(ସଞ୍ଜୟ କୁମାର ଦାଶ):ରାଜକନିକା ବ୍ଲକ୍ ଓଳାଭର-ସରକାରୀ ଆଇଟିଆଇ ମଝି ରାସ୍ତାର ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ କାର୍-ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ଜଣ ବାଇକ୍ ଆରୋହୀ ଆହତ ହୋଇଛନ୍ତି। ଆହତ ଦ୍ୱୟ ହେଲେ ରାଜକନିକା ଥାନା ଅନ୍ତର୍ଗତ ଓଳାଭର ସାତଘରିଆ ଗାଁର ସୁରେନ୍ଦ୍ର ନାଥ(୧୮) ଓ ରାଜୀବନଗର ଗାଁର ରାଜା ମଳିକ(୨୦)। ଦୁର୍ଘଟଣା ପରେ କାର୍ ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ରାଜକନିକା ଥାନା ଅନ୍ତର୍ଗତ ଓଳାଭର ସାତଘରିଆ ଗାଁର ସୁରେନ୍ଦ୍ର ଓ ରାଜୀବନଗର ଗାଁର ରାଜା ବାଇକ୍ ନଂ.ଆର୧୫ ଓଡି ୨୯କୁ ୮୫୭୮ ରେ ଓଳାଭର ପଟୁ ଆସୁଥିଲେ । ରାଜକନିକା ପଟୁ କାର୍ (ଓଡି ୦୫ ଏଜେଡ୍ ୮୦୫୩) ଓଳାଭର ଆଡ଼କୁ ଯାଉଥିବା ବେଳେ ଆଇଟିଆଇ ମଧ୍ୟସ୍ଥଳ ରାସ୍ତାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେ ଜୋରରେ ହୋଇଥିଲା, ବାଇକ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ହେଲେ କାର୍‌ଟିର ସାମ୍ନା ପଟେ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି । ଆହତ ଦ୍ୱୟଙ୍କୁ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ରାଜକନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରିଛି ।

## ପାରମ୍ପରିକ ଖାଦ୍ୟକୁ ଆପଣେଇବାକୁ ପରାମର୍ଶ

### ପାରମ୍ପରିକ ଖାଦ୍ୟ ଦିବସ ପାଳନ

**ଡେରାବିଶ, ୧୩।୪(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପାରମ୍ପରିକ ଖାଦ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସରପଞ୍ଚ କନକଲତା ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ ମୁଖ୍ୟ ଅତିଥି, ସାମାଜିକକର୍ମୀ ସୁଖଦାନନ୍ଦ ପ୍ରଧାନ, ଚାନ୍ଦୋଳ ମଣ୍ଡଳ ଭାଜପା ସଭାପତି ତାପସ କୁମାର ନାୟକ ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜକ ଅମିୟ କୁମାର



ରାଉତ ଯୋଗଦେଇ ପାରମ୍ପରିକ ଖାଦ୍ୟର ସ୍ୱାସ୍ଥ୍ୟ ପ୍ରତି ଉପଯୋଗିତା ଉପରେ ବକ୍ତବ୍ୟ ରଖିବା ସହ ପାରମ୍ପରିକ ଖାଦ୍ୟକୁ ସମସ୍ତେ ଆପଣେଇବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଏମ୍‌ବିକେ ମାନସୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ସଭାନେତ୍ରୀ ନିର୍ମଳା ରାୟ ଓ ସମ୍ପାଦିକା ସୌଦାମିନୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ମଙ୍ଗଳପୁର ପଞ୍ଚାୟତ ପକ୍ଷରୁ ଏମ୍‌ବିକେ ପ୍ରଣତୀ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ପାରମ୍ପରିକ ଖାଦ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାନେତ୍ରୀ ଗୀତାଞ୍ଜଳି ମଳିକ, ସମ୍ପାଦିକା ବନଲତା ପଣ୍ଡା,ସିଆରପି ପ୍ରୀତିଝରା ମଳିକ, ତୁଳସୀ ଓଝା,ସୁକାମିନ ଓ ଆରତୀ ମଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲୋପ ପାଇବାକୁ ଯାଉଥିବା କଳାକୁ ଲୋକାଭିମୁଖୀ କରିବା ପ୍ରୟାସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ପଟ୍ଟାମୁଣ୍ଡାଇ,୧୩।୪(କଳ୍ପତରୁ ନାୟକ)**

ଓଡ଼ିଶାର ପ୍ରାଚୀନ କଳା ସଂସ୍କୃତିକୁ ଋଦ୍ଧିମନ୍ତ କରିବା ସହିତ ଲୋକକଳାର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଯାହାକୁ ନେଇ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନ ପକ୍ଷରୁ ଲୋକକଳାକୁ ଅଧିକ ପ୍ରଚାର ପ୍ରସାର ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ସହ ପାରମ୍ପରିକ ଖାଦ୍ୟ ପରିବେଷଣ ଓ ଝୋଟି ପକା ସୋମବାର ଆୟୋଜିତ ହୋଇଥିଲା। ଭାବଗ୍ରାହୀ କଳା ନିକେତନ ସଭାପତି ବିମଳ ପ୍ରସାଦ ପରିଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ କଳା ଓ ସଂସ୍କୃତି କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରି ସମଗ୍ର ବିଶ୍ୱ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କଳା ତୀର୍ଥ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଲୋପ ପାଇବାକୁ ଯାଉଥିବା ବିଭିନ୍ନ କଳାକୁ ଲୋକାଭିମୁଖୀ କରିବା ପାଇଁ ସରକାରୀ ପଦକ୍ଷେପକୁ ପ୍ରଶଂସା କରି କଳା ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଆମର ପରିଚୟ ହୋଇଥିବାରୁ ଏହାକୁ ବିକଶିତ ଓ ଋଦ୍ଧିମନ୍ତ କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ

### ପଟ୍ଟାମୁଣ୍ଡାଇ ବ୍ଲକରେ ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ ବିଡ଼ିଓ ଶୀତଲ ଅଗ୍ରୱାଲ ମୁଖ୍ୟବକ୍ତା, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅତିରିକ୍ତ ବିଡ଼ିଓ ନନ୍ଦିନୀ ଶତପଥୀ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲୋକକଳାକୁ ଋଦ୍ଧିମନ୍ତ କରିବାକୁ ପରାମର୍ଶ ଦେଇଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଭାବଗ୍ରାହୀ କଳା ନିକେତନ ଓ କଳା ଶ୍ରୀକ୍ଷେତ୍ର କଳା ନିକେତନ କଳାକାରମାନେ ପାରମ୍ପରିକ ନୃତ୍ୟ ସଂଗୀତ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଏଇ ଅବସରରେ ୬୦ କଳାକାରଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପିଏ କ୍ଷଣପ୍ରଭା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅମରେନ୍ଦ୍ର



@ ମାନସ



@ ଶିବ



@ ଶାନ୍ତିଲତା



@ ମୁକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ହିନ୍ଦୁ ଏକତା ଶୋଭାଯାତ୍ରା ପୂର୍ବରୁ ପୋଲିସର ଫ୍ଲାଗମାର୍ଚ୍ଚ



ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଉଛି।

**କେନ୍ଦ୍ରାପଡ଼ା,୧୩।୪ (ଜଗନ୍ନାଥ ଧଳ)**

ଶ୍ରୀ ହନୁମାନ ଜୟନ୍ତୀ ଉପଲକ୍ଷେ ମଙ୍ଗଳବାର ଅପରାହ୍ନରେ ବଜରଙ୍ଗଦଳ ପକ୍ଷରୁ ହିନ୍ଦୁ ଏକତା ଶୋଭାଯାତ୍ରା କେନ୍ଦ୍ରାପଡା ସହର ମଧ୍ୟରେ ଅନୁଷ୍ଠିତ ହେବ । ଇଚ୍ଛାପୁର ମାଉସୀମା ମନ୍ଦିରଠାରୁ ତିନିମୁହାଣୀସ୍ଥିତ ରାମମନ୍ଦିର ପର୍ଯ୍ୟନ୍ତ ହେବାକୁ ଥିବା ଏହି ଶୋଭାଯାତ୍ରାରେ ୨୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେବା ସମ୍ଭାବନା ରହିଛି । ଏହା ପୂର୍ବରୁ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ସହରରେ ସୋମବାର ସନ୍ଧ୍ୟାରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗମାର୍ଚ୍ଚ କେନ୍ଦ୍ରାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡରୁ ବାହାରି ସହର ମଧ୍ୟ ଦେଇ ତିନିମୁହାଣୀ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଫ୍ଲାଗମାର୍ଚ୍ଚରେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କାଟାରିଆଙ୍କ ସହ ଦୁଇ ଅତିରିକ୍ତ ଏସ୍‌ପି, ୮ ଡିଏସ୍‌ପି, ୧୯ ଇନ୍ସପେକ୍ଟର, ୭୩ ସବ୍ ଇନ୍ସପେକ୍ଟର, ଏଏସ୍‌ଆଇ, ୧୫୨ ହାବିଲଦାର ଓ କନଷ୍ଟେବଲ, ୧୫୬ ଗୃହରକ୍ଷୀଙ୍କ ସମେତ ୭ ପ୍ଲାଟୁନ ପୋଲିସ ଫୋର୍ସ ସାମିଲ ହୋଇଥିଲେ। ଏହି ଅବସରରେ ଏସ୍‌ପି କାଟାରିଆ କହିଛନ୍ତି, ହନୁମାନ ଜୟନ୍ତୀ ହେଉଛି ସଦ୍‌ଭାବନାର ଉତ୍ସବ। ଏହାକୁ ସମସ୍ତେ ମିଳିମିଶି ଶାନ୍ତିର ସହ ପାଳନ କରନ୍ତୁ। କେନ୍ଦ୍ରାପଡ଼ା ଏକ ଭାଇଚାରାର ସହର। ଏହି ଭାଇଚାରାକୁ ବଜାୟ ରଖିବା ପାଇଁ ସମସ୍ତଙ୍କୁ ସେ ନିବେଦନ କରିଛନ୍ତି।

## ଗୋପାଳପୁର ମହିମା ଆଶ୍ରମରେ ଅଖଣ୍ଡ ବ୍ରହ୍ମଧନି ଯଜ୍ଞ

**ରାଜନଗ , ୧୩।୪(ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ସାନବଡ଼ ଗୋପାଳପୁର ଗ୍ରାମର ମହିମା ଆଶ୍ରମରେ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଧନି ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ମହିମା ଧର୍ମର ପରିବ୍ରାଜକ ସନ୍ଥ ନଟବର ବାବା, ସୁବ୍ରତ ବାବା, ଅନ୍ତର୍ଯ୍ୟାମୀ ବାବା, ଦୁଷ୍ମନ୍ତ ବାବା, ଶଙ୍କର ବାବା ଓ ସୁକାନ୍ତ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯଜ୍ଞ ଆୟୋଜନ କରାଯାଇଥିଲା। ବିଶ୍ୱରେ ଲାଗି ରହିଥିବା ମଧ୍ୟ ପ୍ରାଚୀର ଭୟବାହ ଯୁଦ୍ଧରେ ମାନବ ସମାଜର ହେଉଥିବା ଅପୂରଣୀୟ କ୍ଷୟ କ୍ଷତି ଭିତରେ ନିରୀହ ଶିଶୁ ମହିଳାଙ୍କ ଜୀବନ ଦୀପ ଲିଭିଯାଉଛି । ତାର ପରିସମାପ୍ତି ହୋଇ ପୁଣି ଶାନ୍ତି ଫେରୁ, ପ୍ରାକୃତିକ ବିପର୍ଯ୍ୟୟ, ଅଗ୍ନି ଭୟ, ଚୋର ଭୟ ଦୂର ହୋଇ ସୁଖଶାନ୍ତି ଭିତରେ ମଣିଷ ଜୀବନଯାପନ କରି ଆଧାତ୍ମିକ ଚେତନାରେ ନିଜକୁ ସମର୍ପଣ କରାଯିବା ମହତ ଉଦ୍ୟଶରେ ଏହି ଅଖଣ୍ଡ ବ୍ରହ୍ମଧନି ଯଜ୍ଞ କରାଯାଉଛି ବୋଲି ସନ୍ଥ ସୁବ୍ରତ ବାବା ପ୍ରକାଶ କରିଛନ୍ତି।

# ପଣାଯାତ୍ରା ପାଇଁ ଉତ୍ସବମୁଖର ନୟାଗଡ଼

ନୟାଗଡ଼,୧୩।୪(ଲୋକନାଥ ମିଶ୍ର)

- ଶ୍ରୀଜୀଉଙ୍କ ସକାଳ ଧୂପ, ଆଳତିରୁ ଆସେ ଅଗ୍ନି
- ମା' ଦକ୍ଷିଣକାଳୀଙ୍କ ପୀଠରେ ଆରମ୍ଭ ହୁଏ ଯଜ୍ଞ
- ମା'ଙ୍କ ଭୋଗ ପଣା ପାଇବାକୁ ଭକ୍ତଙ୍କ ଅପେକ୍ଷା

ରାଜ୍ୟର ଅନ୍ୟତମ ମୁଣ୍ଡପୂଜା ପୀଠ ବିଜେ ଦକ୍ଷୀଣକାଳୀଙ୍କ ପୀଠରେ ପ୍ରସିଦ୍ଧ ପଣାଯାତ୍ରା ପାଇଁ ଉତ୍ସବମୁଖର ହୋଇ ଉଠିଛି ନୟାଗଡ଼ ପୁରୁଣା ସହର। ପଣା ପର୍ବ ୬ ଦିନ ଧରି ଚାଲିବ। ଯାତ୍ରକୁ ସୁରୁଖୁରୁରେ ଶେଷ କରିବାକୁ ୪ପ୍ଲାଟୁନ ଫୋର୍ସ, ଅତିରିକ୍ତ ଏସ୍‌ପି ୨ ଜଣ, ଡିଏସ୍‌ପି ୩, ୬ଜଣ ଇନ୍ସପେକ୍ଟର, ୧୬ଜଣ ସବ୍‌ଇନ୍ସପେକ୍ଟର ଓ ଏଏସ୍‌ଆଇ ନିୟୋଜିତ ହୋଇଛନ୍ତି। ପଣା ସଂକ୍ରାନ୍ତିର ପୂର୍ବ ଦିବସ ମେରୁରେ ସ୍ଥାନୀୟ ଅଞ୍ଚଳର ୭ ଶକ୍ତୀପୀଠ ମା' ଶୁଳିଆ ଠାକୁରାଣୀ, ରାମଚଣ୍ଡୀ ଠାକୁରାଣୀ, ବ୍ରାହ୍ମଣୀ ଦେଇ, ତରକେଇ ଠାକୁରାଣୀ, ମଣେଇ ଠାକୁରାଣୀ ଓ ଚଣ୍ଡୀ ଠାକୁରାଣୀ ପର୍ବରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯିବା ପରେ ସାମିଲ ହୋଇଥାନ୍ତି। ବିଷୁବ ସଂକ୍ରାନ୍ତିର ପ୍ରତ୍ୟୁଷରେ ନୟାଗଡ଼ ପୁରୁଣା ସହରରେ ପୂଜା ପାଉଥିବା ଜଗନ୍ନାଥ ମହାପ୍ରଭୁଙ୍କ ସକାଳ ଧୂପ ଓ ଆଳତିରୁ ଅଗ୍ନି ଓ ମନ୍ଦିରରୁ ଆଜ୍ଞାମାଳ ଅଣାଯିବା ପରେ ମା' ଦକ୍ଷୀଣକାଳୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୁଏ। ମାଙ୍କ ପୀଠରେ ଶଙ୍କରାଚାର୍ଯ୍ୟଙ୍କ ଆନନ୍ଦ ଲହରୀ(ସ୍ତବ) ଓ ଚଣ୍ଡୀପାଠ ଆବୃତ୍ତି ହୁଏ। ସେହିଭଳି ମାଙ୍କ ଠାରେ ଭୋଗ ଲାଗି ପରେ ମୁଖ୍ୟ ମନ୍ଦିର ଉପରକୁ ଆଜ୍ଞାମାଳ ଓ ଧୂପ ଉଠାଯାଏ। ଏହାକୁ ଦର୍ଶନ କଲେ ପାପକ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି। ସନ୍ଧ୍ୟାରେ ଆଳତି ହେବା ପରେ ବିଶ୍ୱ ଶାନ୍ତି ପାଇଁ ଶାନ୍ତିପଣା, ଟେରାଭୋଗ ଓ ଅନ୍ୟ ଭୋଗ ଲାଗି ହୁଏ। ପରେ ନିମନ୍ତ୍ରିତ ୭ ଶକ୍ତୀପୀଠକୁ ପଣାଭାଣ୍ଡ ଯାଏ। ଠାକୁରାଣୀଙ୍କୁ ପଣା ଲାଗି ପରେ ଭକ୍ତମାନେ ଏହାକୁ ସେବନ କରିଥାନ୍ତି। ଅନ୍ୟପକ୍ଷେ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରୁ ଆସିଥିବା ଅଗ୍ନିକୁ ଦକ୍ଷିଣକାଳୀଙ୍କ ପୀଠରେ ୩ଦିନ ଧରି ସାଇତି ରଖାଯାଇ ଅଗ୍ନିରୁ ପ୍ରଦୀପ ପ୍ରଜ୍ୱଳନ କରାଯାଏ। ଓଡ଼ିଆ ନବବର୍ଷକୁ ସ୍ୱାଗତ କରାଯାଇ ନୂତନ ପଞ୍ଜିକାର ଶୁଭାରମ୍ଭ କାହିଁ କେଉଁ ବର୍ଷରୁ ହୋଇ ଆସୁଛି। ପଣା ସଂକ୍ରାନ୍ତି ପର୍ବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ



ମା' ଦକ୍ଷିଣକାଳୀ ।

ପହଞ୍ଚିଛି। ପର୍ବ ଅବସରରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ୩ଟି ଓ ମା'ଙ୍କ ମନ୍ଦିର ନିକଟରେ ଗୋଟିଏ ଏପରି ୪ଟି ଗେଟି କରାଯାଇ ତୋରଣ ଓ ଆଲୋକରେ ସଜ୍ଜିତ କରାଯାଇଛି। ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରେ କେବଳ ଦୋକାନ ବ୍ୟବସ୍ଥା ହୋଇଥିବା ବେଳେ ଅବଶିଷ୍ଟ ମା'ଙ୍କ ପୀଠ ପାଖ ପଡିଆରେ ଦୋକାନ କରାଯାଇଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଅନୁରୂପ ବ୍ୟବସ୍ଥା ରହିଛି। ୧୬ ତାରିଖରୁ ୫ ଦିନ ମାଗଣା ଅପେରା ନାଚ ବ୍ୟବସ୍ଥା ଅଛି। ସେହିଭଳି ଏକ ୩୬ ଜଣିଆ କମିଟି ଗଠନ କରାଯାଇ ପର୍ବକୁ ଆକର୍ଷଣୀୟ କରିବା ପାଇଁ ବ୍ୟବସ୍ଥା ହୋଇଛି। ପଣା ସଂକ୍ରାନ୍ତି ରାତିରେ ଆତସବାଜୀ ପ୍ରତିଯୋଗିତା ହୋଇଥାଏ। ପଣାଯାତ୍ରାର ଆତସବାଜୀ ପ୍ରଦର୍ଶନୀରେ ଭକ୍ତଙ୍କୁ ପ୍ରାଧାନ୍ୟ ଦେବାର ଅଦ୍ୱିତୀୟ ପରମ୍ପରା ରହିଛି। ମାନସିକଧାରୀ ଭକ୍ତମାନେ ମା'ଙ୍କ ଅଫିସକୁ ଆସି ଚେକ୍ କାଟି ଆତସବାଜି ପ୍ରତିଯୋଗିତାରେ ଭାଗ ନେବାପାଇଁ ନାମ ପଞ୍ଜୀକରଣ କରିବାକୁ ପଡିଥାଏ। ମାନସିକଧାରୀ ଭକ୍ତମାନଙ୍କର ନାମ ପୂଜା ପାଠ ମାଧ୍ୟମରେ ମା'ଙ୍କୁ ଅବଗତ କରାଇ ଅନୁମତି ଆଣିବା ପରେ ଆତସବାଜି ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୁଯୋଗ ମିଳିଥାଏ।

ପ୍ରକାଶଯେ, ରାଜ୍ୟର ଅନ୍ୟତମ ମୁଣ୍ଡପୂଜା ପୀଠ ତଥା ନୟାଗଡ଼ ପୁରୁଣା ସହରର ମା' ଦକ୍ଷୀଣକାଳୀଙ୍କ ପୀଠ ଯନ୍ତ୍ରପୀଠ ଭାବେ ଜଣାଶୁଣା। ଏଠାର ଠାକୁରାଣୀ ଶିବରୁଢ଼ା ଓ ନରମୁଣ୍ଡମାଳିନୀ ହୋଇଥିଲେ ହେଁ ଶନ୍ତ ପ୍ରକୃତିର। ତେବେ ବାମାକାଳୀଙ୍କ ସେ ଚତୁର୍ଭୂଜା, ହସ୍ତରେ ଆୟୁଦ୍ଧ ଓ ଅନ୍ୟାନ୍ୟ ଚିହ୍ନ ସମାନ। ସେ ଅଭୟ ବରଦାୟିନୀ ଓ ସନ୍ତାନବତ୍ସଳା। ମା' ତାଙ୍କର ବହୁ ଅଲୌକିକ ମହିମା ବଳରେ ଅଗଣିତ ଭକ୍ତଙ୍କୁ ଆକର୍ଷିତ କରି ଆସିଛନ୍ତି। ସେହିପରି ଓଡଗାଁ ବ୍ଲକ ଶରଣକୁଳ ନିକଟସ୍ଥ ଶିଖରପୁର ତାରିଣୀ ମନ୍ଦିର ମଧ୍ୟ ପର୍ବ ପାଳନକୁ ନେଇ ଉତ୍ସବ ମୁଖର ହୋଇଉଠିଛି। ଏଠାରେ ମଧ୍ୟ ରାତି ତମାମ ଆତସବାଜି ପ୍ରତିଯୋଗିତା ହେଉଛି। ଏଠାରେ ଶରଣକୁଳ ଓ ଶିଖରପୁର ଆଖ ପାଖ ଅଞ୍ଚଳର ଭକ୍ତ ଭିଡ ଜମାଇଥାନ୍ତି। ଏନେଇ ଦକ୍ଷିଣକାଳୀ ମନ୍ଦିର କମିଟି ସଭାପତି ପ୍ରମୋଦ ପଟ୍ଟନାୟକ କୁହନ୍ତି, ପଣାଯାତ୍ରାର ଆତସବାଜି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ଅଞ୍ଚଳର ବାଣାକାର ଭାଗ ନେଇ ନିଜର ବାଣ ପ୍ରସ୍ତୁତିର ପରାକାଷ୍ଠା ଦେଖାଇଥାନ୍ତି। ପ୍ରତିଯୋଗିତାରେ ପ୍ରଥମ, ୨ୟ ଓ ତୃତୀୟ ସ୍ଥାନ ଅକ୍ତିଆର କରିଥିବା ପ୍ରତିଯୋଗୀମାନଙ୍କର ନାମ ବିଚାରକଙ୍କ ମଣ୍ଡଳୀ ଦ୍ୱାରା ଘୋଷଣା କରାଯାଇଥାଏ। ପରେ ସେମାନଙ୍କୁ ପୁରସ୍କାର ରାଶି ବଣ୍ଟନ କରାଯାଏ। ଦୁର୍ଘଟଣାକୁ ଏଡାଇବା ପାଇଁ ଚଳିତ ବର୍ଷ ଗଛ ବାଣ ବଦଳରେ ସଟସ୍ ବାଣ ଓ ଅନ୍ୟାନ୍ୟ ବାଣ ଫୁଟିବା ପାଇଁ ମାନସିକଧାରୀଙ୍କୁ ଅନୁରୋଧ କରାଯାଇଛି ବୋଲି କହିଛନ୍ତି।

# ଜିଲାପାଳଙ୍କ ମିଳିତ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

ନୂଆଗାଁ,୧୩।୪(ଧନେଶ୍ୱର ସାହୁ)

- ୬୦ ଅଭିଯୋଗ ପଞ୍ଜୀକୃତ, ୨୩ ତତ୍କାଳ ସମାଧାନ
- ଆର୍‌ଡି ବିଭାଗର କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତକଲେ ଜିଲାପାଳ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ରାଜୀବ ଗାନ୍ଧୀ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟକ୍ତିଗତ ଅଭିଯୋଗ ୪୬, ସାମୂହିକ ୧୧, ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ୩ ଗୋଟି ଅଭିଯୋଗ ହୋଇଥିଲା। ପଞ୍ଜୀକୃତ ହୋଇଥିବା ମୋଟ ୬୦ ଅଭିଯୋଗରୁ ୨୩ଟିର ତତ୍କାଳ ସମାଧାନ କରାଯାଇଥିଲା।

ନୂଆଗାଁ ଆର୍‌ଡି ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ନିର୍ମାଣ କରାଯାଇଥିବା ରାସ୍ତାର ଅନିୟମିତତା ସମ୍ପର୍କରେ ଅଧିକ ଅଭିଯୋଗ ଆସିଥିଲା। କେଉଁଠି ନିମ୍ନମାନର ହୋଇଛି ତ କେଉଁଠି ନିର୍ଦ୍ଧାରିତ ସମୟଠାରୁ ଦୀର୍ଘ ବର୍ଷ ବିତିଥିଲେ ମଧ୍ୟ ରାସ୍ତା କାମ ସରୁନାହିଁ। ଆଉ କେଉଁଠି କାମ ନ ସରୁଣୁ ପିରୁ ଉଠିଗଲାଣି। ଆର୍‌ଡି ବିଭାଗର ଏପରି କାର୍ଯ୍ୟ ବିଷୟରେ ପ୍ରତିଦିନ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେଉଥିବା ଦେଖି ନିଜକୁ ଖରାପ ଲାଗୁଛି ବୋଲି ଜିଲାପାଳ ମଧୁମିତା ରଥ ଯନ୍ତ୍ରୀ ହିତାଞ୍ଜଳି ପଣ୍ଡାଙ୍କୁ କ୍ଷୋଭର ସହ କହିଥିଲେ। ତେବେ ନୂଆଗାଁ ବ୍ଲକ୍‌ରେ ଆର୍‌ଡି ବିଭାଗ କେବଳ ଧର୍ମକୁ ଆଖିଠାର ମାରିଲା ଭଳି କାର୍ଯ୍ୟ କରୁଛି ବୋଲି ସିଡିଇଓ ଲଗ୍ନଜିତ ରାଉତ କହିଥିଲେ। ନୂଆଗାଁ ରେଳ ଷ୍ଟେଶନକୁ ରାସ୍ତା ନିର୍ମାଣ ହେଉ ନ ଥିବା ବାବଦରେ ଅଭିଯୋଗ ହେବାରେ ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରିବାକୁ ଜିଲାପାଳ ଆର୍‌ଡି ଯନ୍ତ୍ରୀଙ୍କୁ କହିଥିଲେ।

ସୋରଡ଼ା ପଞ୍ଚାୟତ କନ୍ଦଳବଠାରେ ଅଧାପନ୍ତରିଆ ଚେକ୍‌ଡ୍ୟାମ ବାବଦରେ ଅଭିଯୋଗ ହୋଇଥିଲା। କୋରଡ଼ା ଅଙ୍ଗନୱାଡି କେନ୍ଦ୍ରର ସମସ୍ୟା ୧୫ ଦିନ ଭିତରେ ସମାଧାନ କରିବା ପାଇଁ ଜିଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହରିପୁର ପଞ୍ଚାୟତରେ କାମ ନ କରି ପୁରୁଣା କାମକୁ ଦେଖାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ହଡ଼ପ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ଓ ଅନ୍ୟାନ୍ୟ ସମସ୍ୟା ନେଇ ଅଭିଯୋଗ ହୋଇଥିଲା। କାପ୍ତାପଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ମିଛ ଭାଉଚର ଦେଇ ଅନେକ ଅର୍ଥ ହଡ଼ପ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ସମ୍ପର୍କରେ କାପ୍ତାପଲି ସରପଞ୍ଚ ସାରସଧର ସାହୁ ଅଭିଯୋଗ କରିଥିଲେ। ତେବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଶିକ୍ଷାଧିକାରୀ ଓ ବିଇଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘ ୪ ବର୍ଷ ହେଲା ହରିପୁର ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀଙ୍କୁ ଟଙ୍କା ମିଳି ନ ଥିବା ନେଇ ସମିତି ସଭ୍ୟ ପ୍ରତାପ ମହାପାତ୍ର ଅଭିଯୋଗ କରିଥିଲେ। ଅତିରିକ୍ତ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦଲାଲ କାର୍ଯ୍ୟ କରୁଥିବା ନେଇ ମୌଖିକ ଭାବେ ଅଭିଯୋଗ ହେବାରେ ଅତିରିକ୍ତ ଶ୍ରମ ଅଧିକାରୀଙ୍କୁ ଜିଲାପାଳ ତାଗିଦ କରିଥିଲେ। ଜନଶୁଣାଣିରେ ଜିଲାପାଳ ରଥ, ଏସ୍‌ପି ଏସ୍. ସୁଶ୍ରୀ, ଅତିରିକ୍ତ ଜିଲାପାଳ ରୋଜିନା ଦାସ, ସିଡିଇଓ ଲଗ୍ନଜିତ ରାଉତ, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଭାରପ୍ରାପ୍ତ ଜିଲା ଚିକିତ୍ସାଧିକାରୀ ଡା. ପୁଷ୍ପା ନୀଳିମା ଲାକ୍ରା ନୂଆଗାଁ ବିଡିଓ ଅମୃତ କୁମାର ରାଉଳ, ତହସିଲଦାର ହେମନ୍ତ କୁମାର ନାୟକଙ୍କ ସମେତ ଜିଲାସ୍ତର ଓ ବ୍ଲକ୍‌ର ସମସ୍ତ ଅଧିକାରୀ, କର୍ମଚାରୀମାନେ ଯୋଗଦେଇଥିଲେ।

# ୧.୪୪କ୍ୱିଣ୍ଟାଲ ଗଞ୍ଜେଇ ସହ ୨ କାର ଜବତ

ନୟାଗଡ଼/ଦଶପଲ୍ଲା/ନୂଆଗାଁ,୧୩।୪(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି/ଧନେଶ୍ୱର ସାହୁ)

- ଜେଲ ଗଲେ ୪ ବ୍ୟବସାୟୀ
- କନ୍ଧମାଳରୁ ଭୁବନେଶ୍ୱର ଚାଲାଣ ହେଉଥିଲା

ନୟାଗଡ଼ ଅବକାରୀ ବିଭାଗର ମୋବାଇଲ ଟିମ୍ ଓ ଦଶପଲ୍ଲା ଅବକାରୀ ଷ୍ଟେସନ ପକ୍ଷରୁ ବାଣିଗୋଛା ଥାନା ବାଣିଗୋଛା ସରକାରୀ ହାଇସ୍କୁଲ ଓ ନୂଆଗାଁ ଥାନାର ମହୀପୁର ଉପରେ ସୋମବାର ଭୋର ସମୟରେ ଚଢ଼ାଉ କରାଯାଇ ୨ଟି କାର ସହ ୧ କ୍ୱିଣ୍ଟାଲ ୪୪ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଲଦାପଦର ଗାଁର ପ୍ରଶାନ୍ତ ଦିଗଲ(୪୫), ମଝିଆପଡା ଗାଁର ସାମନ୍ତ ଦିଗାଲ(୩୫), ଭାଲୁରୁଗାଁର ବୁଲୁ ଦିଗାଲ(୨୫), ବିପ୍ର ଚରଣ ଦିଗାଲ(୨୮)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଂଜୁର ପରେ ୪ଅଭିଯୁକ୍ତଙ୍କୁ ନୟାଗଡ ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ଜବତ ଗଞ୍ଜେଇ କନ୍ଧମାଳରୁ ଭୁବନେଶ୍ୱର ଯାଉଥିଲା ବୋଲି ଜଣାପଡିଛି।

ସୂଚନା ଅନୁସାରେ ଦୁଇଟି କାର ଯୋଗେ ଗଞ୍ଜେଇ କନ୍ଧମାଳରୁ ଭୁବନେଶ୍ୱର ରାତିରେ ଚାଲାଣ ହେଉଛି ବୋଲି ଅବକାରୀ ବିଭାଗ ଖବର ପାଇଥିଲା। ଅବକାରୀ ବିଭାଗ ପକ୍ଷରୁ ବାଣିଗୋଛା ଓ ନୂଆଗାଁ ଥାନା ଅଞ୍ଚଳରେ ଅବକାରୀ କର୍ମଚାରୀ ନିୟୋଜିତ ହୋଇ ଦୁଇଟି ଯାକ କାରକୁ ଧରିବା ପାଇଁ ଅପେକ୍ଷା କରି ରହିଥିଲେ। କାର ଯୋଗେ ଗଞ୍ଜେଇ ଆସୁଥିବା ବେଳେ ବାଣିଗୋଛା ସରକାରୀ ହାଇସ୍କୁଲ ପାଖରୁ ନଂ.ଓଡି୦୨ ବିଟି ୯୧୩୨ କାରରୁ ୮୪ କେଜି ଗଞ୍ଜେଇ ଜବତ କରାଯାଇଥିଲା। କାରରୁ ମଝିଆପଡା ଗାଁର ସାମନ୍ତ ଦିଗାଲ ଓ ଲଦାପଦର ଗାଁର ପ୍ରଶାନ୍ତ ଦିଗଲଙ୍କୁ ଗିରଫ କରାଯାଇଥିଲା। ସେହିପରି ମହିପୁର ଛକରୁ ଓଡି୦୭ ବିବି୪୮୪୩ ନଂ କାରରୁ ୬୦କେଜି ଜବତ କରାଯାଇ ଭାଲୁରୁଗାଁର ବୁଲୁ ଦିଗାଲ ଓ ବିପ୍ର ଚରଣ ଦିଗାଲଙ୍କୁ ଗିରଫ କରାଯାଇଥିଲା। ନୟାଗଡ଼ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ କ୍ରମେ ଜିଲା ମୋବାଇଲ ସ୍କ୍ୱାର୍ଡର ଆଇଆଇସି ରମେଶ ଚନ୍ଦ୍ର ମହାନ୍ତି ଓ ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ବାଦଲ ସାମଲ ନେତୃତ୍ୱ ନେଇଥିଲେ।




ଗିରଫ ଅଭିଯୁକ୍ତ, ଜବତ ଗଞ୍ଜେଇ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅମରେନ୍ଦ୍ର



@ ମାନସ



@ ଶିବ



@ ଶାନ୍ତିଲତା



@ ମୁକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୋଷ୍ଟାଲ ଲିଙ୍କ ଫେଲ

ନୟାଗଡ଼,୧୩।୪ (ଲୋକନାଥ ମିଶ୍ର)

**୫ଦିନ ଅଚଳ ପରେ ହେଲା କାର୍ଯ୍ୟକ୍ଷମ**

ନୟାଗଡ଼ ଡାକ ଡିଭିଜନରେ ରାଉଟ୍ଟର ପୋଡି ଯିବାରୁ ୫ଦିନ ହେଲା ଲିଙ୍କ ଫେଲ ହୋଇ ଯାଇଥିଲା। ଏଣୁ ଡାକସେବା ବିପର୍ଯ୍ୟସ୍ତ ହୋଇପଡିଥିଲା। ସ୍ପିଡ ପୋଷ୍ଟ ଚିଠି ଯାଇ ପାରୁ ନ ଥିଲା କି ଆସି ପାରୁ ନ ଥିଲା। ୨ ଦିନ ଧରି ଭୁବନେଶ୍ୱରର ବିଏସ୍‌ଏନ୍‌ଏଲ କର୍ମଚାରୀ ପହଞ୍ଚି ନୂଆ ରାଉଟ୍ଟରକୁ କାର୍ଯ୍ୟକ୍ଷମ କରାଇବା ପରେ ସୋମବାର ଅପରାହ୍ନରୁ ଡାକସେବା କାର୍ଯ୍ୟକ୍ଷମ ହୋଇଛି।

ପ୍ରାପ୍ତ ସୂଚନା ଅନୁସାରେ, ଗତ ୫ଦିନ ତଳେ ବଜ୍ରପାତରେ ରାଉଟ୍ଟର ପୋଡି ଯାଇଥିଲା। ଡାକ ବିଭାଗ ପକ୍ଷରୁ ରାଉଟ୍ଟର କିଣି ଆଣିଥିଲେ ମଧ ନୟାଗଡ଼ ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷ ଏହାକୁ ମରାମତି କରି ପାରି ନ ଥିଲେ। ପରେ ଭୁବନେଶ୍ୱର କର୍ମଚାରୀ ଆସି ରବିବାରଠାରୁ ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଲିଙ୍କ ଫେଲ ପରେ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ସୋମବାର ନୟାଗଡ଼ ଡାକ ଡିଭିଜନ କାର୍ଯ୍ୟାଳୟକୁ ଯାଇ ଲିଙ୍କ ଫେଲ ବୋର୍ଡ ଦେଖି ଅସନ୍ତୋଷ ପ୍ରକାଶ କରି କେନ୍ଦ୍ର ପୋଷ୍ଟାଲ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଟୁଇଟ କରିଛନ୍ତି। ଟୁଇଟରେ ଦାଶ ସୂଚନା ଦେଇଛନ୍ତି, ବିଏସ୍‌ଏନ୍‌ଏଲ୍‌କୁ ହଟାଇ ଜିଓ ଇଣ୍ଟରନେଟ କରିବା ପାଇଁ ଏପରି ଷଡଯନ୍ତ୍ର କରାଯାଇଥିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଦର୍ଶାଇଛନ୍ତି।

# ଅର୍ଥ ହେରଫେରକୁ ନେଇ ତେଜିଲା ଅସନ୍ତୋଷ

ଶରଣକୁଳ,୧୩।୪(ଦୀପକ କର)

ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମୁଖୀ କାର୍ଯ୍ୟ ଏବଂ ଦାୟିତ୍ୱହୀନତାକୁ ନେଇ ତାତିଲେ ଅଭିଭାବକ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଶେଷରେ ଅତିଷ୍ଠ ହୋଇ ସୋମବାର ବିଦ୍ୟାଳୟରେ ତାଲା ପକାଇଛନ୍ତି ଗ୍ରାମବାସୀ, ଅଭିଭାବକ ଏବଂ ବିଦ୍ୟାଳୟ ପରିଚାଳନା କମିଟି। ଏଭଳି ଘଟଣା ଦେଖିବାକୁ ମିଳିଛି ଶରଣକୁଳ ନିକଟ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଚଢ଼େୟାପଲ୍ଲୀ ଗ୍ରାମରେ। ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ମହାପାତ୍ରଙ୍କ ବେଆଇନ କାର୍ଯ୍ୟକଳାପ ଏବଂ ଦାୟିତ୍ୱହୀନତା ଯୋଗୁ ବିଦ୍ୟାଳୟର ଶିକ୍ଷାଦାନ ଓ ପ୍ରଶାସନିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ପରିଚାଳନା କମିଟି ଏବଂ ଶିକ୍ଷକବୃନ୍ଦ




ସ୍କୁଲରେ ତାଲାପକାଇ ଆନ୍ଦୋଳନ କରାଯାଉଛି।

ଏକାଧିକ ଅଭିଯୋଗ ଆଣିଛନ୍ତି। ୪।୫।୨୫ରେ ପରିଚାଳନା କମିଟିର ଏକ ଅଧିବେଶନରେ ସର୍ବସମ୍ମତି କ୍ରମେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଆଧାରରେ ୧୦।୪।୨୦୨୫ରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇ ଅନ୍ୟ ଜଣେ ସହକାରୀ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଅନୁରୋଧ କରାଯାଇଥିଲା। କିନ୍ତୁ ଦୀର୍ଘ ଦିନ ବିତିଯାଇଥିଲେ ମଧ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଶେଷରେ ପ୍ରଶାସନର ଏଭଳି ଟାଳଟୁଳ ନୀତିରେ ଅତିଷ୍ଠ ହୋଇ ସୋମବାର ଅଭିଭାବକ ଏବଂ କମିଟି ସଦସ୍ୟମାନେ ସ୍କୁଲରେ ତାଲା ପକାଇବା ସହ ଆନ୍ଦୋଳନ କରିଥିଲେ । ତୁରନ୍ତ ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦାୟିତ୍ୱରୁ ନିବୃତ୍ତ ନ କଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ଏହି ଦରଖାସ୍ତର ନକଲ ନୟାଗଡ଼ ଜିଲାପାଳ ଏବଂ ରଣପୁର ବିଧାୟିକାଙ୍କୁ ମଧ୍ୟ ଅବଗତ ନିମନ୍ତେ ପ୍ରଦାନ କରାଯାଇଛି।

# ମେ ୨୮ରେ ଗ୍ରୁପ୍ ବୈଠକରେ ଆଲୋଚନା ନେଇ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିଶ୍ରୁତି

ନୟାଗଡ଼, ୧୩।୪ (ଲୋକନାଥ ମିଶ୍ର)

**ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ପ୍ରଦାନ ପ୍ରସଙ୍ଗ**

ନୟାଗଡ଼ର ପାରମ୍ପରିକ ସ୍ୱାଦିଷ୍ଟ 'ଛେନାପୋଡ଼'କୁ ଭୌଗୋଳିକ ସୂଚକ ବା ଜିଆଇ ଟ୍ୟାଗ୍ ମିଳିବାର ସ୍ୱପ୍ନ ପୂରଣ ହେବାକୁ ଯାଉଛି । ଏ ସମ୍ପର୍କରେ ମେ ୨୮ ଓ ୨୯ ରେ କନସଲଟେଟିଭ ଗ୍ରୁପ୍ ବୈଠକରେ ଆଲୋଚନା କରାଯାଇ ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ନେଇ ସରକାରୀ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ବିଶ୍ୱ ଛେନାପୋଡ଼ ଦିବସରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୂଷ ଗୋୟଲ ଶନିବାର ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କୁ ପତ୍ର ମାଧମରେ ସୂଚନା ଦେଇଥିବା ଜଣାପଡ଼ିଛି । ପୁରୀ ଏମ୍‌ପି ପାତ୍ରଙ୍କୁ ମନ୍ତ୍ରୀ ଗୋୟଲ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ଛେନାପୋଡ଼ ପାଇଁ ଜିଆଇ ଟ୍ୟାଗ୍ ଆବେଦନ ସଂଖ୍ୟା ୧୦୬୭ ପଞ୍ଜୀକୃତ ହୋଇସାରିଛି। ମେ ୨୮ ଓ ୨୯ ର କନସଲଟେଟିଭ ଗ୍ରୁପ୍ ବୈଠକ ପରେ ଜିଆଇ ଅଫ୍ ଗୁଡ (ରେଜିଷ୍ଟ୍ରେସନ ଆଣ୍ଡ ପ୍ରୋଟେକ୍ସନ) ଆକ୍ଟ, ୧୯୯୯ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଲେଖା ରହିଛି। ଏଥିସହ ପୁରୀ ଏମ୍‌ପି. ପାତ୍ର ଏବଂ ଓଡ଼ିଶାବାସୀଙ୍କୁ ଛେନାପୋଡ଼ ଦିବସ ଅବସରରେ ମନ୍ତ୍ରୀ ଗୋୟଲ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ତଥା ନୟାଗଡ଼ ଅଞ୍ଚଳର ଏହି ପାରମ୍ପରିକ ମିଠା ସହ ଲୋକଙ୍କ ଭାବନା ଜଡ଼ିତ ବୋଲି ସେ କହିଛନ୍ତି । ମୁଁ ଏହି ପାରମ୍ପରିକ ସୁଆଦିଆ ଖାଦ୍ୟର ଗୁରୁତ୍ୱ ଏବଂ ଓଡ଼ିଶାବାସୀଙ୍କ ସହ ଏହାର ଗଭୀର ସମ୍ପର୍କକୁ ଅନୁଭବ କରୁଛି ବୋଲି ଚିଠିରେ ଦର୍ଶାଇଛନ୍ତି ।

ପ୍ରକାଶଯେ, ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ଶୀଘ୍ର ଦେବା ପାଇଁ ପୁରୀ ଏମ୍‌ପି ପାତ୍ର କେନ୍ଦ୍ର ମନ୍ତ୍ରୀ ଗୋୟଲଙ୍କୁ ପତ୍ର ଲେଖି ବିଶ୍ୱ ଛେନାପୋଡ଼ ଦିବସରେ ଅନୁରୋଧ କରିଥିଲେ । ଏମ୍‌ପି ଦର୍ଶାଇଥିଲେ, ଛେନାପୋଡ଼ କେବଳ ଏକ ମିଠା ନୁହେଁ, ବରଂ ଓଡ଼ିଶାର ସମୃଦ୍ଧ ରନ୍ଧନ ଶୈଳୀ ଓ ସାଂସ୍କୃତିକ ପରିଚୟର ପ୍ରତୀକ ଅଟେ। ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମିଳିଲେ ଏହାର ମୌଳିକତା ବଜାୟ ରହିବା ସହ ସମ୍ପୃକ୍ତ କାର୍ଯ୍ୟରେ ନିୟୋଜିତ କାରିଗରଙ୍କ ଆର୍ଥିକ ଉନ୍ନତି ହୋଇପାରିବ। ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ଆବେଦନର ସାମ୍ପ୍ରତିକ ସ୍ଥିତି ସମୀକ୍ଷା କରିବା ଏବଂ ପ୍ରକ୍ରିୟାକୁ ଶୀଘ୍ର ଶେଷ କରିବାକୁ କେନ୍ଦ୍ର ମନ୍ତ୍ରୀଙ୍କୁ ସେ ଅନୁରୋଧ କରିଥିଲେ। କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଓଡ଼ିଶାର ଓ ବିଶେଷକରି ନୟାଗଡ଼ ଜିଲାର ଖାଦ୍ୟପ୍ରେମୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଉତ୍ସାହ ଖେଳି ଯାଇଛି।

